ମା ଓ ମାତୃ ବିଶେଷାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

୨୦୨୦

visit : www.hirranmayi.com

ମା ଓ ମାଟି ବିଶେଷାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର ୨୦୨୦

ହିରଣ୍ମୟୀ- ବିଶେଷାଙ୍କ -"ମା ଓ ମାଟି "(ଫେବୃୟାରୀ -୨୦୨୦) –

ଏହି ବିଶେଷାଙ୍କକୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :

ମୋ ମା - ମୋ ମାଟି
ମୁରାରୀ ପ୍ରସାଦ ପଶାଏତ

ମାଆ-ମାଟି ଓ ମୋ ଭାଷା
ପଙ୍କଜିନୀ ଉପାଧ୍ୟାୟ

କ୍ରମଶଃ... କ୍ରମଶଃ
ସାବିତ୍ରୀ ପୁରୋହିତ

ଇସ୍ କି ଖୁସି ସେ
ଡକ୍ଟର ସଚ୍ଚିଦାନନ୍ଦ କର

ମାଆ ଟି ମାଟି
ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା

ମହାନ ,ସେ ମହାଦାନ (ସନେଟ)
ଲତିକା ବିଳାସ

ଅପେକ୍ଷା .. !!
ପ୍ରୀତିନନ୍ଦା ପାଣିଗ୍ରାହୀ

ମୋ ମାଆ - ମୋ ଗାଆଁ ର ସ୍ମୃତି
ଅମ୍ବିକା ସ୍ୱାଇଁ

ମୋ ମାଟି -ମୋ ମା
ବୀଣାପାଣି ରାଏଗୁରୁ

ନାରୀକବି ମନୋରମା ମିଶ୍ରଙ୍କ
ତିନୋଟି କବିତା : ମା ତୁ ଓ ମୁଁ /
ମୋ ମା ଓ ମାତୃଭୂମି /
ଅପରୂପା ମାଟି ମା ସେ

ଡକ୍ଟର କୃତିବାସ ନାୟକଙ୍କ ଦୁଇଟି
କବିତା : ମାଟି – ଆକାଶ /
ମା ତୁମେ ମୋର କଥାକୁହା ଦେବୀ

ଆମ ପ୍ରିୟ କବି ଶ୍ରୀ ରମେଶ ଚନ୍ଦ୍ର
ପସାଏତ୍ ଙ୍କ ଦୁଇଟି ସନେଟ :
ସ୍ନେହମଗ୍ନା ମାଆ /
ଆଦ୍ୟ ଆଧାର ଶିଳା

ମା -ମାଟି -ମୋହ
ରଶ୍ମିତା ଦୀକ୍ଷିତ

ନାରୀ କବି ତାପ୍ତିମୟୀ ପଣ୍ଡାଙ୍କ
ରସସିକ୍ତ ଦୁଇଟି ସନେଟ୍ :ମମତା
ଛାଉଣୀ / ମାଟି ବାସ୍ନା ମହକାଏ

ମାଟି ଆଉ ମୋର ମାଁ ଟି
ସୁଦ୍ରମା ପଣ୍ଡା

ମା ,ମାଟି ଆଉ ମମତା
ଜୟଶ୍ରୀ ପଟ୍ଟନାୟକ

ଜନନୀ -ଜନ୍ମଭୂମି
କମଳିନୀ ଦେବୀ

ମାଟି ରୁ ଆକାଶ
ଶ୍ରୀମତୀ ବସନ୍ତ ମିଶ୍ର

କି! ମଧୁର ମାଆ ଡାକ
ବାଉରୀବନ୍ଧୁ ଲେଙ୍କା

ମା ଓ ମାଟି
ସୁଦର୍ଶନ ମହାପାତ୍ର

ଗାଆଁ ଆଉ ମାଆ
ପ୍ରଶାନ୍ତ କୁମାର ନାଥ

ମା -ମାଟି -ସୃଷ୍ଟି
ତ୍ରିଲୋଚନ ପଣ୍ଡା

ଭିଜା ମାଟିର ବାସ୍ନାରେ ମା'ର
ମମତା : ପଦ୍ମିନୀ ଦାଶ ମହାପାତ୍ର

ମଙ୍ଗଳମୟୀ ମାଆ ଓ ମାଟି
ସୁପ୍ରଭା ସାମଲ

ମା ,ମାଟି ଏକା କଥା
ପ୍ରଭାସିନୀ ହୋତା

କବି ପ୍ରସନ୍ନ କୁମାର ମାଦଳା ଙ୍କ
ଦୁଇଟି କବିତା :
ମାଆ / ମାଟିର ମୋହ

ଗାଆଁ ର ମାଟି -ମାଆ ର କୋଳ
ସୁଧାଂଶୁ ଶେଖର ଦ୍ୱିବେଦୀ

ଏଇ ମୋ ମାଆ -ଏଇ ମୋ ମାଟି
ପ୍ରତିଭା ପରିଜା

କବି ଶ୍ରୀ ଦୀପକ କୁମାର ଦେ ଙ୍କ
ଦୁଇଟି ସନେଟ୍ : ତରୁଣ ଆକର୍ଷଣ
ଓ ଲୁଚକାଳି "

ମୁଁ ଯେ ମାଟି ମନସ୍କା କବି
ଶ୍ରୀମତୀ ସବିତା ଶତପଥୀ

ମା ଆଉ ମାଟି
ପୁଷ୍ପାଞ୍ଜଳି ପଣ୍ଡା

ମୋ ଗାଆଁ - ମୋ ମାଆ
ସୁଷମା ପରିଜା

ମା'ର ପଣତେ ବନ୍ଧା ମାଟିର ମୋହ
ଅରୁଣ କୁମାର ମହାନ୍ତି

ମାଁ ନୁ ମାଟିକେ
ଫିରୋଜ୍ କୁମାର ପଟେଲ

ସରଗ ଠୁଁ ଗରୀୟସୀ
ଆଶୁକବି ହେମନ୍ତ ଦାଶ

ମମତାର ମୋହ
ପ୍ରଣତୀ ଆଚାର୍ଯ୍ୟ

ମାଆ ଓ ମାଟି
କନକ ଲତା ଦାଶ୍

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମୋ ମା . ମୋ ମାଟି

ଶ୍ରୀ ମୁରାରୀ ପ୍ରସାଦ୍ ପଶାଏତ୍

(ରାଗ= ବଙ୍ଗଳାଶ୍ରୀ)

ମୋ ମାଆ ମୋ ମାଟି ମୋ ସ୍ୱର୍ଗ ମୋ ଶାନ୍ତି
ମୋ ତପସ୍ୟା ଉପାସନା।
ମୋ ଭାଷା ସଂସ୍କୃତି ଆଦରଣ ନୀତି
ଭକ୍ତିରେ କରେ ବନ୍ଦନା ।୧।

ମୋ ମାଆ ଚରଣ କୋଟି ତୀର୍ଥ ପୂଣ୍ୟ
ମା କୋଳ ଅମୂଲ୍ୟାସନ।
ମୋ ମାଆର ଭାଷା ହରେ କ୍ଷୁଧା ତୃଷା
ମା ଆଶିଷ ଜ୍ଞାନ ଅଞ୍ଜନ ।୨।

ମା ମାଟି ମୋ ତୀର୍ଥ ମା ସେବା ମୋ ବ୍ରତ
ମୋ ମା ମୋ ପ୍ରଥମ ଗୁରୁ।
ମୋ ଭାବ ମୋ ଭାଷା ମୋ ଶିକ୍ଷା ମୋ ଦୀକ୍ଷା
ଆତ୍ମଜ୍ଞାନ କଳ୍ପତରୁ ।୩।

ମୋ ଭକ୍ତି ମୋ ମୁକ୍ତି ମୋର ଆତ୍ମଶାନ୍ତି
ମୋ ମା , ମାଟି ମା ପାଦେ।
ମୋ କର୍ମ ମୋ ଧର୍ମ ମୋ ସକଳ ଶ୍ରମ
ତା'ଚରଣେ ନିତି ବନ୍ଦେ ।୪।

ମୋ ତନ ମୋ ଧନ ସାଥେ ପଞ୍ଚମନ
ଧ୍ୟାନରତ ମାତୃ-ପଦେ।
ମୋ ମନ୍ତ୍ର ତା ନାମ ଏକାକ୍ଷର ବ୍ରହ୍ମ
ଅମୃତ ଝରେ ସେ ପଦେ ।୫।

କୋଟି ଜନ୍ମ ଯାଗ ପାଇଲା ମୋ ଭାଗ୍ୟ
ଏ ମାଟି କୋଳେ ଜନ୍ମିଲି।
ଦେବକୀ ଯଶୋଦା ପରାୟେ ସର୍ବଦା
ମାତୃ-ସ୍ନେହ ମୁଁ ପାଇଲି ।୬।

ଦେବୁ ମା ଆଶିଷ ନ ହେବି ନିରାଶ
ପ୍ରକାଶିବି ଦିବ୍ୟ ପ୍ରଭା।
ତୋହରି ସେବାରେ ଦେଶ ଦଶ ହିତେ
ଏ ମୁରାରୀ ହେଉ ଉଭା ।୭।

ଶରଧା
ଆଚାର୍ଯ୍ୟ ,ବଢେଇମୁଣ୍ଡା,ଝାରସୁଗୁଡା
ମୋ=୮୬୫୮୨୧୮୮୧୫

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମାଆ-ମାଟି ଓ ମୋ ଭାଷା

ପଙ୍କଜିନୀ ଉପାଧ୍ୟାୟ

ମାଆ ମାଟି ଭାଷା ସମ୍ପର୍କର ନିଶା
ସମସ୍ତଙ୍କ ଅତି ପ୍ରିୟ
ଏକକୁ ଆରେକ ଜୀବନର ଟେକ
ସବୁଠି ବନ୍ଧା ହୃଦୟ ।

ବସୁଧା ଜନନୀ ତ୍ୟାଗ ସ୍ୱରୂପିଣୀ
ସର୍ବ ସହଣିକ ମାଆ
ତ୍ୟାଗ ତିତୀକ୍ଷାର ଅସୀମ ଧୈର୍ଯ୍ୟର
ଜୀବଜଗତର ସାହା ।

ଶ୍ୟାମଳିମା କ୍ଷେତ ହୋଇଛି ସମ୍ଭୃତ
କେତେ ଗିରିବର ଉଭା
ସାଗରର ଜଳ ତରଙ୍ଗର ମାଳ
ଅତି ମନୋରମ ଶୋଭା।

ସ୍ରୋତସିନୀ ଜଳ ଶବ୍ଦ ଢଳଢଳ
ସ୍ୱଚ୍ଛ କାଚକେନ୍ଦୁ ଜଳ
ବନାନୀର ଶୋଭା ଅପରୂପ ଆଭା
ପଶୁ ପକ୍ଷୀଙ୍କର ମେଳ।

ବିଭେଦ ପ୍ରାଚୀର ନୁହେଁ ତୋର ଘର
ସମସ୍ତଙ୍କୁ ସମଭାବ
ସମସ୍ତଙ୍କ ଅଳି ଅର୍ଦ୍ଦଳି ତୁ ସହୁ
ସର୍ବଦା ରହୁ ନିରବ ।

ମମତା ପଣତ ଶ୍ରୀମନ୍ଦିର ନେତ
ମମତାର ମଧୁଝରା
ସବୁ ଯନ୍ତ୍ରଣାକୁ ପାନ କରିବାକୁ
କିଏ ସମ ହେବ ପରା।

ନିରବ ଜୀବନ ନିରବ ଦର୍ଶନ
ପବିତ୍ର ପ୍ରେମର ଗଙ୍ଗା
ନମ୍ରତା ପଣରେ ମହୀ ମଣ୍ଡଳରେ
ସମ୍ପର୍କ ଆହୁଲା ତଙ୍ଗା।

ସରଳ ଓ ଶାନ୍ତ ସବୁଥିରେ ତୃପ୍ତ
ବିନୀତ ନମ୍ର ସ୍ୱଭାବ
ଝଡ ବହିଗଲେ କ୍ଷତିଗ୍ରସ୍ତ ହେଲେ
ଦୁଃଖ କରେ ଲୋ ତାଣ୍ଡବ।

ମାଆ ପରା ନାରୀ କରେନା ଅଇରି
ଖୋଜେ ସମ୍ପର୍କରେ ସ୍ୱାଦ
ସାରା ଜଗତର ଚିନ୍ତା ଚେତନାର
ସୃଷ୍ଟିର ସେ ଶ୍ରେଷ୍ଠ ଜୀବ।

ତୋ ସ୍ୱପ୍ନ ରଙ୍ଗରେ ଶୁଦ୍ଧ ଭାବନାରେ
ଆସେ ନୂଆ ଜାଗରଣ
ଚେତନାର ଶିଖା ସମ୍ପର୍କର ରେଖା
ନବନୀତ ଉତ୍ତରଣ।

ଭିଜା ଭିଜା ମୋର ପଣତ ମାଆର
ଭିଜା ଭିଜା ମାଟି ବାସ୍ନା
ମୋହର କୋହରେ ସ୍ୱପ୍ନ ସାଗରରେ
ହୋଇଥାଉ ଆନମନା।

ସବୁ ସମ୍ପର୍କର ନିବିଡ ସ୍ପାକ୍ଷର
ସବୁ ଜୀବନର ରାଗ
ମାଆ ମାଟି ଭାଷା ବଢାଏ ପ୍ରତ୍ୟାଶା
ସୁସ୍ଥ ଜୀବନର ଭୋଗ।

ସ୍ୱର୍ଗ ଠାରୁ ଉଚ୍ଚ ମହାନ୍ ଓ ସ୍ୱଚ୍ଛ
ଆମ ମାଆ ମାଟି କୋଳ
ସର୍ବ ସୁଖ ପ୍ରାପ୍ତି ଅସୀମ ସେ ତୃପ୍ତି
ସଦା ହସ ଢଳଢଳ।

ଶତ ମୋ ନମନ କରେ ପ୍ରଣିଧାନ
ନେବି ସେମାନଙ୍କ ଯତ୍ନ
କେତେ ଶୋଭାମୟ ମଧୁର ନିଳୟ
ସବୁଠୁ ପୁଣ୍ୟ ସେ ରତ୍ନ ।

ତ୍ରିବାର ଶପଥ ପୁରୁ ମନୋରଥ
ଜୀବନ ପଛକେ ଯାଉ
ଗର୍ବେ ହୋଇ ମତ ଗାଇବି ସର୍ବତ୍ର
ମାଆ ଓ ମାଟିର ଭାଉ ।

ସବୁ ନୈତିକତା ବିଭୁ ଦତ୍ତ ସତ୍ତା
ମାଆ ମାଟି ଦେହେ ଭର୍ତ୍ତି
ସର୍ବ ଶ୍ରେଷ୍ଠ ଭାବ ତା'ପାଇଁ ସମ୍ଭବ
ପାଉଛି ଜୀବନେ ତୃପ୍ତି ।

ଯାଜପୁର, ଓଡ଼ିଶା

କ୍ରମଶଃ.. କ୍ରମଶଃ....

ସାବିତ୍ରୀ ପୁରୋହିତ



ମୁଁ ଡାକିଲି...ମା'
କଣ୍ଠ ଫଟାଇ ଡାକିଲି...ମା..ଆ
ଗଗନ ପବନ ନିନାଦିତ କରି
ଆର୍ତ୍ତରେ ଚିତ୍କାରିଲି....ମା..ଆ...ଆ... ।।

ଓଲଟା ଖଟଟା ଖୁବ୍ ତତ୍ପର
ଖୁରାରେ ବନ୍ଧା କଦଳୀପତ୍ରଟା
ମତେ ଥିଇରି କରି ଆଖିଠାର ମାରି
ଦୋହଲି ଗଲା..
ହଳଦୀ ଜୁରୁଜୁରୁ ମା'ର ଶେତା ମୁହଁ ଟା
ସ୍ୱର୍ଗାରୋହଣ ର ପ୍ରାପ୍ତିରେ
ଏବେ ସକାଳ ପଦୁଅଁ ପରି
ଖୁବ୍ ସତେଜ ।।

ଶୁଣିବାର ନା' ନେଲା ନାଇଁ ମା'
କଅଁଳ ଦେହ ତା'ର ମଶାଣିରେ
ପାଉଁଶ ହେବାର ଦେଖିଲି
ହାଡ଼ ସବୁ ଫୁଟୁଥିଲେ ରଟ୍...ରାଟ୍...
ର...ଅ...ଟ୍.....ରା...ଆ...ଟ୍...
ପରମ ତୃପ୍ତିରେ ଧୂଆଁଙ୍କର
କୁଣ୍ଡଳୀ ମାରି ଉପରକୁ ଉଠିବାର
ଦୃଶ୍ୟ ବି ଦେଖିଲି
ମା'...ମୋର ପ୍ରିୟରୁ ପ୍ରିୟତମା ମା'
ଜୀବନରେ ଥିବାଯାଏ ଯିଏ
କୁହୁଳି କୁହୁଳି ମରୁଥିଲା
ଏବେ ଦାଁ...ଦାଁ ଜଳୁଥିଲା
ଦର୍ପରେ ଜଳୁଥିଲା
ଜିତିବାର ଖୁସିରେ ଜଳୁଥିଲା ମା' ।।

ଦେଖୁଥିଲି....
ମା' ମୋର କ୍ରମଶଃ
ମାଟି ପାଲଟି ଯାଉଥିଲା
ଦେଖିଲି ବି ଆର ଦୃଶ୍ୟ
ମାଟି କ୍ରମଶଃ ମା' ହେଇ
ମତେ କୋଳେଇ ନେଉଥିଲା
କାନେ କାନେ କହି ଗଲା
କ୍ରମଶଃ....କ୍ରମଶଃ...କ୍ରମଶଃ...
ତୁ ବସୁଧା ପାଲଟି ଯାଆ
ପ୍ରାପ୍ତି ଅପ୍ରାପ୍ତିର ଢେର୍ ଉର୍ଦ୍ଧ୍ୱକୁ ଆ' ।।

ମୁଁ ବି ପରିବର୍ତ୍ତିତ ହେଉଥିଲି
ମା' ଠୁ ମାଟି...
ମାଟି ଠୁ ବସୁଧା
କ୍ରମଶଃ...କ୍ରମଶଃ...କ୍ରମଶଃ ।।

।। ସମ୍ବଲପୁର ।।

ମା ଓ ମାତୃ ଭାଷା ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଇସ୍ କି ଖୁସି ସେ

ଡକ୍ଟର ସଚ୍ଚିଦାନନ୍ଦ କର

ଭୋକ ହେଲେ ଆସେ ଦଉଡି ଧାଇଁ ମୁଁ
ମାଆ ବାଢିଦିଏ ଭାତ
ଇସ୍ କି ଖୁସି ସେ ବସିଯାଏ ବେଗେ
ଧୋଇଦେଇ ମୁହଁ ହାତ ।।

ବୁଲିଯିବା ପାଇଁ ବେଳେବେଳେ ମୋତେ
ମାଆ ଦିଏ ସଜ କରି
ଇସ୍ କି ଖୁସି ସେ ନୂଆ ଜାମାରେ ମୁଁ
ଦିଶୁଥାଏ ବାବୁ ପରି ।।

ତାରା ଦେଖିବାକୁ ମନ ହୁଏ ମୋର
କାଖରେ ବସାଏ ମାଆ
ଶୁଣି ତା' ମୁହଁରୁ ମନ-ଭୁଲା ଗୀତ
ଇସ୍ କି ଖୁସି ସେ ଆହା ।।

ଗେଲ କରିଦିଏ ମାଆ ମୋତେ ତା'ର
କୋଳରେ ବସେଇ ଦେଇ
ଇସ୍ କି ଖୁସି ସେ ପିଲାମନ ମୋର
ନାଚିଯାଏ ଥେଇ ଥେଇ ।।

ଶୀତୁଆ ରାତିରେ ନିଦୁଆ ଆଖିରେ
ଶୋଇପଡେ ମାଆ ପାଶେ
ଇସ୍ କି ଖୁସି ସେ ରାତି ସାରା ମୋର
ନିଦରେ ସପନ ଆସେ ।।

ମାଆ ପରି ମୋର ମାଟି ମାଆ କୋଳେ
ଥାଏ ମୁହିଁ ସାଥି ମେଳେ
ଇସ୍ କି ଖୁସି ସେ ସକାଳରୁ ସଂଜ
ନାନା ଜାତି ଖେଳ ଖେଳେ ।।

ପାଦ ତଳେ ମୋର ମାଟି ମାଆ ଥାଏ
ମଥାରେ ମାଆର ହାତ
ସତେ କି ସରଗ ଖସିଛି ମୋ ହାତେ
ଖୁସି ମୋ ଅକାତକାତ ।।

ଯେମିତି ଜିଇଛି ଯାହା ମୁଁ ପାଇଛି
ମାଆ ମାଟି ମୁହଁ ଚାହିଁ
ଇସ୍ କି ଖୁସି ସେ କଥାରେ ଭାଷାରେ
କହି ମୁଁ ପାରିବି ନାହିଁ ।।

" ନିର୍ମାଲ୍ୟ "
ନୂଆପଡା, ନୟାବଜାର, କଟକ -୦୪
ମୋ. -୯୮୬୧୨୧୦୫୧



ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

" ମାଆ ଟି ମାଟି "

ଶ୍ରୀ ସୁଭାଷ ଚନ୍ଦ୍ର ପଣ୍ଡା

ମାତୃ ଗର୍ଭରୁ ମାଟି
ଆଉ ମାଟିରୁ ମାତୃ ଗର୍ଭ ଯାଏ
ଯାତ୍ରା ହେଲା ଜୀବନ ,
ସେଥିରେ ରହିଛି ଭରି ଯେତେ ସବୁ
ଯନ୍ତ୍ରଣା ,ମନ୍ତ୍ରଣା ଆଉ ଅୟୁତ ସପନ ।
ଅନ୍ଧକାରମୟ କୋଠରୀରୁ
ଆଲୋକକୁ ଆସିବାର ବ୍ୟାକୁଳ ଆକାଂକ୍ଷା ,
ସେ ପାଇଁ ବି କରିବାକୁ ପଡ଼େ ବିଚିତ୍ର ପ୍ରତୀକ୍ଷା ।
ଏ ପ୍ରତୀକ୍ଷାରେ କିଛି ସ୍ୱପ୍ନ ନାହିଁ
ନାହିଁ କିଛି ଆକାଂକ୍ଷା ପ୍ରାପ୍ତିର ,
ରହିଥାଏ କିଛି ଖାଲି ଆଶା ଆଉ ଆବେଗ -
'ମୁକ୍ତିର ' ,
ଏଇ ମୁକ୍ତି ଆଣେ କିନ୍ତୁ ସହସ୍ର ବନ୍ଧନ ,
ସ୍ୱପ୍ନ ଆଉ ସୋହାଗର
ମିଳନ ଓ ବିଚ୍ଛେଦର , ସୁଖର ଦୁଃଖର ।
ସବୁ ଠାରୁ ବେଶି ଭରା ମାନ- ଅଭିମାନ
ଭରା ପୁଣି ଆମନ୍ତ୍ରଣ ଆଉ ପ୍ରତ୍ୟାକ୍ଷାନ ,
ଏ ସବୁ ମିଶିଲେ ଯାହା – ତାହା ହିଁ ଜୀବନ ।
ଜୀବନକୁ ମାଆ ଗଢେ
ସହିଯାଏ , ପିଇଯାଏ ଯନ୍ତ୍ରଣାର ଲୁହ ,
ଅଭିମାନ ନାହିଁ କିଛି
ନାହିଁ ପୁଣି କିଛି ଅଭିଯୋଗ
ସେ ସବୁ ଘୋଡେଇ ଦିଏ ସନ୍ତାନର ମୋହ ।
ମାଆ ବିନା ସାହା ନାହିଁ , ରାହା ନାହିଁ
ଆସ କେ ପାରିବ ସୁଝି ଜନନୀର ଋଣ ,
ଜନନୀର ସ୍ନେହ ବୋଝ
ସହିବାକୁ ଅଛି କିଏ ତରୁଣୀ ତରୁଣ ...??

ମାଆ ବିନା ଏ ଜୀବନ ବିବକ୍ତ , ବିବୃତ୍ତ ,
ଅଛି କିଛି ବିକଳ୍ପ କି -
ମାତୃ ସ୍ତନେ ଯାହା ବିଧି ରଖିଛି ଅମୃତ ??
ମାତୃ କୋଳ ଖସି ଗଲେ ଧରି ରଖେ ମାଟି
ମାଟି ନୁହେଁ ମାଆ ଟି
ଯେ ରଖିଛି ତା ବକ୍ଷରେ ଆମ ପାଇଁ
ନଦୀ ,ହ୍ରଦ , ତରୁ-ତୃଣ , ବନ-ଉପବନ ,
ଯେ ସହିଛି ଆମ ପାଇଁ ଅୟୁତ ଅୟୁତ
ଯନ୍ତ୍ରଣାର ଅସହ୍ୟ ମନ୍ଥନ ,
ବିନା ଶବ୍ଦେ ଯେ ସହିଛି
କର୍ଷଣ ଓ ଖନନର ଅବ୍ୟକ୍ତ ଦହନ ।
ଜନ୍ମ ଜନ୍ମାନ୍ତରେ ସୁଝି ହେବ ନାହିଁ କେବେ
ଏ ଦୁହିଁଙ୍କ ସ୍ନେହଦାନ ଋଣ ,
ଯେତେ ଜନ୍ମ ନେବି
ଏ ଧରଣୀ ବକ୍ଷପରେ
ତା'ର ସୁଧ ସେତେ ହେବ ଦୁଇଗୁଣ ।

ଗହଗା ନରସିଂହ ପୁର ,କେନ୍ଦ୍ରାପଡା, ଓଡିଶା

ମା ଓ ମାତୃ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ସନେଟ୍ :

ମହାନ, ସେ ମହାଦାନ

ଲତିକା ବିଳାସ

ମାଆ ମମତାର ମଧୁର ଭଣ୍ଡାର , ମନଟି ତା' ମଧୁକୋଷ ,
ମଙ୍ଗଳ ମୂରତି , ମୁଖଛବି ଦେଖି , ମେଣ୍ଟିଯାଏ ମନକ୍ଲେଶ ॥
ମମତାମୟୀ , ତା' ମୁଖ ମଣ୍ଡଳରେ , ମଧୁର ମୁରୁକି ହସ ,
ମର୍ତ୍ତ୍ୟ ମନ୍ଦାକିନୀ ,ମଧୁର ଝରଣୀ, ମୁଖରେ ତା' ମଧୁଭାଷ ॥

ମୂଲ୍ୟବାନ ମଣିମାଳ ମୁଁ ମାଆର ,ମୁଁ କାଳେ ତା' ମହାତୀର୍ଥ ,
ମାଆ ମନ ବ୍ୟଥା ମହୌଷଧି ମୁଁ ଯେ,ଚାହିଁ ମୋତେ ମନତୁଷ୍ଟ ॥
ମଙ୍ଗଳ କଳସ ବସାଇ ମୋ ପାଇଁ, କରେ ମଙ୍ଗଳ କାମନା ,
ମନସ୍ୱିନୀ , ମନ ମାରି ପୂର୍ଣ୍ଣକରେ ,ମୋହର ମନୋକାମନା ॥

ମନ ମନ୍ଦିରରେ ,ମାଆର ମୂରତି ମହାଲକ୍ଷ୍ମୀ , ମହାମାୟା ,
ମୂଢମତି ସିଏ , ମୁହଁ ମୋଡି ଯିଏ , ମନ୍ଦ ମଣେ ମାତୃଛାୟା ॥
ମାଆ ଭଳି , ମାଟି ମାଆ ମାତୃଭୂମି , ମହିୟସୀ ମୂଳମନ୍ତ୍ର ,
ମାନସ ଚକ୍ଷୁରେ , ମରୁତପଥ ସେ , ମଣିମୟ ମାନଚିତ୍ର ॥

ମାଆର ମମତା , ମାଟିର ମହକ , ମହାନ ସେ ମହାଦାନ ,
ମାଆ ମାଟି ମୂଲ ଦେଇଛି, କେ ମାନୀ ,କରି ମଧ୍ୟ ମୁଣ୍ଡଦାନ ॥

॥ ବରଗଡ ॥

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଅପେକ୍ଷା...!!

ପ୍ରୀତିନନ୍ଦା ପାଣିଗ୍ରାହୀ

ସେ ଦିନ ତୁ ଅପେକ୍ଷା କରିଥିଲୁ ମତେ
କୋଳେଇ ନେଇଥିଲୁ
ଭରିଦେଇଥିଲୁ ତୋ ଦେହର ଉଷ୍ଣତା
ମୁଁ ତ ମାଟି ପିଣ୍ଡୁଳା ଟେ ଥିଲି
ସ୍ନେହ ଦେଇ କଣ୍ଢେଇ ଟେ କଲୁ..।।

ତୋ ପଣତ ଘୋଡେଇ
ବଜ୍ର କଲୁ ମୋ ମନ ଓ ଶରୀର
ଖରା, ବର୍ଷା, ଶୀତ ,କାକର ଠୁ
ସୁରକ୍ଷା ଦେଲା ତୋ ପଣତ
ତୋ ପଣତ ତଳେ କଣ୍ଢେଇ
କଥା କୁହା ମୂର୍ତ୍ତି ହେଲା..।।

ମୂର୍ତ୍ତି ପୁଣି ମଣିଷ
ଭାବ ସ୍ନେହ ପ୍ରେମ ରେ
ଜୀବନ୍ତ କଲୁ ମତେ
ମାଟି ରୁ ଆଜି ମା ମୁଁ
ପଥର ପରି କଠିନ ଫୁଲ ପରି କୋମଳ..।।

ଆଜି ନୂତନ ସୂର୍ଯ୍ୟ ଦେଖିଛି
ଜୀବନ କୁ ବୁଝିପାରିଛି
ମାଟି ରୁ ମା ହେବାର ଗୌରବ ପାଇଛି
କେବେ ଜଳିଛି କେବେ
ନିଜକୁ ଜାଳି ଆଲୁଅ ଦେଇଛି..।।

ମାଟି ର୍ ବାସ୍ନା ରେ ଭିଜିଛି
ନିଜକୁ ସାମିଲ କରିଛି
ତା'ରି ମିଠା ମିଠା ବାସ୍ନା ରେ
କେବେ ଅମୃତ ବାଣ୍ଟି ଗରଳ ଢ଼ୋକିଛି
କେବେ ଲୁହ ପି ଲହୁ ଢାଳିଛି..।।

କେହି କେବେ ମତେ ବୁଝିବା ଆଗରୁ
ନିଜକୁ ସରଳ କରିଛି
ମନ ଓ ହୃଦୟ କୁ ଢାଳି ଦେଇଛି
ସବୁରି ମୁହଁରେ ହସ ଦେଇଛି
ଲୁହ କୁ ଓଠରେ ଚାପି ରଖିଛି
ନା କେବେ ଅଭିଯୋଗ କରିଛି
ନା ତ ଅବଶୋଷ..।।

ସବୁ ତାରି ବାଟରେ ଛାଲିଛି
ଚାଲିଥିବ ଚିରଦିନ ଏହି ଯାତ୍ରା
ମା ରୁ ଆରମ୍ଭ ମାଟିରେ ଶେଷ
ସେ ଅପେକ୍ଷା ର ଅନ୍ତ ନାହିଁ
କାଲି ତୁ ମୋ ଅପେକ୍ଷା ରେ ଥିଲୁ
ଆଜି ମୁଁ ତୋ ଅପେକ୍ଷାରେ..।।

କେବେ ତୁ କୋଳେଇ ନେବୁ
ଆଶ୍ରା ଦେବୁ ତୋରି କୋଳରେ
ସେଦିନ ମାଟି କୁ ମା କରିଥିଲୁ
ଆଜି ମା ମାଟି ହେବାର ଅପେକ୍ଷାରେ ....

॥ ସମ୍ବଲପୁର ॥

ମା ଓ ମାତୃ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମୋ"ମାଆ"- ମୋ "ଗାଆଁ"ର ସ୍ମୃତି

ଅମ୍ବିକା ସ୍ୱାଇଁ

ମୋ "ମାଆ"ମୋର ଜନ୍ମମାଟି ମୋର"ଗାଁ"ମିଠା,ମିଠା ତା"ର ଭାଷା
ତା'ର କୋଳ ଛୁଆଁ ତା'ପାଣି ପବନ,ଦେଖାଇଛି ମୋତେ ଦିଶା,
ସଜୀବ ବର୍ଣ୍ଣାଳୀ ସାଜି ରହିଅଛି ଗାଇବି ତାହାରି ଗାଥା
କେତେ ମଧୁର ମୋ ମା'ର ଭାଷା ତା'ପାଇଁ ଟେକି ଚାଲିଛି ମଥା ।।

ମୋ ମାଆ ସ୍ନେହ ପଣତ ତଳେ,ଗାଁ ମାଟିର ସେ ଧୂଳି ଦାଣ୍ଡ ରେ
କେତେ ଅଝଟ ଅଳି କରିଛି,ଆନନ୍ଦେ ଗଡ଼ିଛି ତା'ଛାତିରେ
ମୋ' ମା'ର ହାତ ମଧୁ ପରଶ, ଖୁଆଏ ଯେବେ ଗୁଣ୍ଡାଏ ଭାତ
ପେଟ ପୁରିଯାଏ ମନ ଭରିଯାଏ ,କାନିରେ ପୋଛି ଦିଏ ମୁଁ ହାତ ।।

ସପନ ପରି ସବୁ ଲାଗୁଚି,ବୋଉ ହାତ ରନ୍ଧା କଖାରୁ ବଡ଼ି
ଶାଗ ମୁଗ ଆଉ ସଜନା ଛୁଇଁ, ଦେଶୀ ଆଳୁ ଝୋଳ ଦହି କଡ଼ି,
କେତେ ଓଷା-ବ୍ରତ ପୁନେଇଁ ପର୍ବ ପୋଡ ପିଠା, ମୁଆଁ ପିଠା
ମୋ ଜନ୍ମ ମାଟିର ପାଣି ପବନ,ମୋର ମା'ସ୍ୱର କେତେ ମିଠା ।।

ଏ ଭିଡ ଭିତରେ ସ୍ମୃତି ର ପେଡିରେ ଅନେକ ସାଇତା କଥା
ଆଜି ପାଉନି ତା' କୋମଳ,ପରଶ ଗାଉଛି ବିରହ ଗାଥା ।।

ଭୁବନେଶ୍ୱର
ମୋ :୯୭୭୭୫୯୯୬୯୫

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମୋ ମାଟି - ମୋ ମା

ବୀଣାପାଣି ରାଏଗୁରୁ

ମୋ ମାଟି- ମୋ ମା
ମୋ ମାଟି- ମୋ କା..
ଯାହାର ଝାଟି-ମାଟି ପଟିରେ -
ଉଡ଼ି ବୁଲେ ମୋ ସାହା ।।

ମାଟିର କଥା , ମାଆ ମମତା
କଣ୍ଠରେ ଦେଲା ମଧୁର କଥା
ପାଦରେ ଦେଲା ବଳ
ଚଖାଇ ଦେଲା ମଧୁର- ପିତା
ଶିଖାଇ ଦେଲା ଜୀବନ- କଥା
ଭଲ- ମନ୍ଦର ଖେଳ
ମାଆ ମାଟିର ଭାଷାରେ କିସା
ରଚେ ସାରା ଦୁନିଆ ।।

ମାଟିର ଓଠେ ଗୋଲାପ ଫୁଟେ..
ପାରିଜାତ ର ମହକ ଛୁଟେ-
ଫୁଲରେ ତାନ ମାନ
ଝରେ ମମତା ମାଆ ର ଓଠେ
ବହେ ଅମୃତ ମାଟି ବୈକୁଣ୍ଠେ
କାହାଣୀ ରଚେ ନୂଆ ।।

ସରାଗେ ମାଟି ସରଗ ତୋଳେ
ଖେଳାଏ ବର୍ଷା ବାଦଲ କୋଳେ
ରଚାଏ ଇତିହାସ
ମାଆ ପଣତ ଛାଇ ରେ ହସି
ଓହ୍ଲାଇ ଆସେ ସରଗ ଶଶି
ଜଡ ରେ ଜୀବନ୍ୟାସ,
ଯାଏ କଥାଟି କାହାଣୀ ହୋଇ
କ.. ଖ.. ଅ.. ଆ...ଆ ।।

ମାଟିରେ ଧର୍ମ ମାଟି ରେ କର୍ମ
ମାଟିରେ ପାପ ମାଟିରେ ପୁଣ୍ୟ
ମାଆ- ମାଟି ର ଦେଶ
ଯେଉଁ ଦେଶରେ ବହୁଛି ଗଙ୍ଗା
ମାଟିରେ ଉଡେ ପୁଣ୍ୟ ତ୍ରିରଙ୍ଗା
ସେଇ ଆମ ବିଶ୍ୱାସ
ସେଇ ବିଶ୍ୱାସ.. ନିଶ୍ୱାସେ ନେଇ
ମାଆ ରଚେ ଦୁନିଆ ,
ମା ଓ ମାଟି.... ମୋ ମାଆ.. ।।

ତରିତୋ, କିଶୋର ନଗର,
କଟକ

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

" ମା ଓ ମାଟି " ସନ୍ଧର୍ଭ କୁ ନେଇ ନାରୀକବି ଶ୍ରୀମତୀ ମନୋରମା ମିଶ୍ରଙ୍କ ତିନୋଟି କବିତା :

॥ ଏକ ॥

ମୋ ମା ଓ ମାତୃଭୂମି

ଜନନୀ ଜଠରୁ ଜନମି ଅଛି ମୁଁ
ମାଆ ମୋର ମହୀୟସୀ ,
ଜନନୀର ତୁଲ ଜନ୍ମଭୂମି ମୋ
ସରଗ ଠୁ ଗରୀୟସୀ ॥

ଦରୋଟି ଓଠେ ମୋ ଯେଉଁ ଭାଷା ଦିନେ
ଖଞ୍ଜି ଦେଇଥିଲା ମାଆ ,
ସେଇ ମାତୃଭାଷା ପ୍ରଭାବେ ଆଜି ମୁଁ
ଘୋଷୁଛି ମାଟି ମାଆ ନାଆଁ ॥

॥ ଦୁଇ ॥

ମା ତୁ ଓ ମୁଁ

ମୁଁ ମଥା ପୋତି ନଇଁ ପଡିଥିବା ଏକ ଦୁର୍ବଳ ଦୂର୍ବାଦଳ
ତୁ ଶୁଭ୍ର ସକାଳର ଅପୂର୍ବ ଉନ୍ମେଷ ॥
ମୁଁ ନିଃଶବ୍ଦ ବାତାବରଣଟିଏ
ତୁ ବିହଙ୍ଗର ଅଫୁରନ୍ତ କାକଳି ॥

ନିଦାଘ ପୀଡିତ କଣ୍ଠ ଭର୍ତ୍ତି ତୃଷ୍ଣା ମୁଁ
ତୁ ଲୋଟାଏ ସୁଶୀତଳ ଜଳ ॥
ମୁଁ ମୁଠାଏ ଶୂନ୍ୟତା ,ତୁ ମହାଶୂନ୍ୟ
ତୁ ବସୁଧା ହେଲେ ମୁଁ ଟିପେ ମାଟି ॥

ଆମ ଗୃହାଙ୍ଗନର ଉନ୍ମୁକ୍ତ ପରିସର ରେ
ଜଳୁଥିବା ପବିତ୍ର ମାଟି ପ୍ରଦୀପ ଟିଏ ତୁ
ମୁଁ ସେ ଆଲୋକରେ ମୁହଁ ଲୁଚାଇଥିବା
ଚେନାଏ ଅନ୍ଧାର ॥

॥ ତିନି ॥

ଅପରୂପା ମାଟି ମା' ସେ

ପ୍ରକୃତିର ସବୁଜିମା ଓ ଧୂସରତା ତା'ର ଶାଢ଼ୀ
ଆକାଶର ନୀଳିମା ତା'ର ଓଢଣୀ
ପ୍ରସ୍ଫୁଟିତ ପୁଷ୍ପ ତା'ର ହସ
ଫୁଲର କୋମଳ କଳିକା ତା'ର ଆଖି
ପାହାନ୍ତି ଶିଶିର ତା' ଟୋପା ଟୋପା ଲୁହ
ଝର ଝର ବର୍ଷା ତା'ର ଅସରା ଅଶ୍ରୁ
ସୂର୍ଯ୍ୟୋଦୟ ର ଅରୁଣିମା ତା'ର ଲାଜ
ମଧ୍ୟାହ୍ନର ରୌଦ୍ର ତା'ର କ୍ରୋଧ
ସୂର୍ଯ୍ୟାସ୍ତର ଲାଳିମା ତା'ର ସ୍ନେହ
ଶୀତୁଆ ପବନର ସ୍ପନ୍ଦନ ତା'ର କୋହ
ଫୁଲ ମହକ ତା'ର ନିଃଶ୍ୱାସ
ନଦୀର କୁଳୁ କୁଳୁ ଧ୍ୱନି ତା'ର ଗାନ
ସମୁଦ୍ରର ଉତ୍ତାଳ ଲହରୀ ତା'ର ଉଚ୍ଛ୍ୱାସ
ରାତିରୁ ସକାଳ ଏବଂ ସକାଳରୁ ରାତି
ବଦଳିବାର ମୁହୂର୍ତ୍ତ ତା'ର ପଲକ ॥

କୋମଳ ଉଦାର ଶାନ୍ତ ମଧୁର
ଏଇ ମୋ ଦୁଇ ମାଆ
ଜୀବନେ ମରଣେ ଜନମେ ଜନମେ
ଏଇ ଦୁହେଁ ମୋର ସାହା ॥

ନିଳାଦ୍ରୀବିହାର ,ଭୁବନେଶ୍ୱର -୨୧

ମା ଓ ମାଟି ବିଶେଷାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର ୨୦୨୦

ମା ଓ ମାଟି - ଜୀବନ ଦର୍ଶନ କୁ ପର୍ଯ୍ୟବେସିତ କରି ଡକ୍ଟର କୃତ୍ତିବାସ ନାୟକଙ୍କ ଦୁଇଟି କବିତା : "ମା ତୁମେ ମୋର କଥାକୁହା ଦେବୀ" ଓ " ମାଟି-ଆକାଶ"

ମା ତୁମେ ମୋର କଥାକୁହା ଦେବୀ

ଡକ୍ଟର କୃତ୍ତିବାସ ନାୟକ

ତୁମେ ଏକା ମୋର ପ୍ରେମ-ପ୍ରୀତିଭରା-
କଥାକୁହା ଦେବୀ ମୂର୍ତ୍ତିଟିଏ,
ବେଦନାରେ ଭରା ମୋର ହୃଦୟରେ
ଛୁପି ରହିଥିବା ସ୍ମୃତିଟିଏ । **(ଘୋଷା)**

ଶରତର ଜହ୍ନ ଗ୍ରୀଷ୍ମରେ ଚନ୍ଦନ-
ଚଇତି ମାସର ମଲ୍ଲୀଟିଏ,
ଆଷାଢ଼ର ନବ ବର୍ଷାଜଳ ତୁମେ-
ମୁହିଁ ତ ଚକୋର ପକ୍ଷୀଟିଏ ।
ତୁମେ ବିଧାତାର ନିହାଣ ମୁନରେ-
ଗଢ଼ା ଶ୍ରେଷ୍ଠ କଳା-କୃତିଟିଏ ।
ତୁମେ ଏକା ମୋର ପ୍ରେମ-ପ୍ରୀତିଭରା-
କଥାକୁହା ଦେବୀ ମୂର୍ତ୍ତିଟିଏ । ୧ ।

ମଧୁ ବସନ୍ତର ମଳୟ ପବନ-
ଫୁଲଭରା ଉପବନଟିଏ,
ତୁମର ଦର୍ଶନ ମନ ମୁଗ୍ଧକର-
ଛୁଆଁରେ ଅମୃତ ବୃଷ୍ଟି ହୁଏ ।
ହତାଶ ଜୀବନେ ନିର୍ଜ୍ଜନ ପଥରେ-
ତୁମେ ଅନ୍ଧକାରେ ଜ୍ୟୋତିଟିଏ ।
ତୁମେ ଏକା ମୋର ପ୍ରେମ-ପ୍ରୀତିଭରା-
କଥାକୁହା ଦେବୀ ମୂର୍ତ୍ତିଟିଏ । ୨ ।

॥ ଶୈଳଶ୍ରୀ ବିହାର, ଭୁବନେଶ୍ୱର ॥

ମାଟି - ଆକାଶ

ଡକ୍ଟର କୃତ୍ତିବାସ ନାୟକ

ସେଦିନ ଆକାଶ ପୃଥିବୀକୁ ଚାହିଁ ମିଟିମିଟି କଲା ଆଖି,
କହିଲା-ମାଟି ଲୋ କେମିତି ରହିଛୁ ? ସତରେ ତୁ ବଡ଼ ଦୁଃଖୀ ।

କୋଟି କୋଟି ଜୀବ ତୋ' ଉପରେ ଥାଇ କରୁଛନ୍ତି ଅତ୍ୟାଚାର,
ତୋ' ଦୁଃଖକୁ ଦେଖି ସହି ପାରୁନାହିଁ ଲୁହ ରହେନାହିଁ ମୋର ।

ଦେଖ ମୁଁ ଏକାକୀ ରହିଛି ଉପରେ ନାହିଁ ମୋର ଚିନ୍ତା-ଦକ,
ଜୀବଜଗତ ଠୁଁ ଦୂରେ ଥିବାରୁ ମୁଁ ପାଉଛି ସକଳ ସୁଖ ।

କାହିଁକି ସହୁଛୁ ଜୀବଜଗତର ଗୋଇଠା ପାହାର ଏତେ,
କହିବୁ ଯଦି ମୁଁ ସମସ୍ତଙ୍କୁ ମାରି ଉଠେଇ ଆଣିବି ତୋତେ ।

ନରମ ଗଳାରେ କହିଲା ପୃଥିବୀ ଶୁଣରେ ଆକାଶ ଭାଇ !
ମାଆର ମମତା ତ୍ୟାଗ ସୁଖ କଥା ତୁ ଜାଣି ପାରିବୁ ନାହିଁ ।

ବୃକ୍ଷ-ଲତା କୀଟ ପତଙ୍ଗ ସହିତ ପଶୁ-ପକ୍ଷୀ ନରନାରୀ,
ଜନମ ଦେଇ ମୁଁ ସହୁଛି ଅର୍ଦଳି ରଖିଛି କୋଳରେ ଧରି ।

କିଛି ଚାହେଁ ନାହିଁ ଜନନୀ ମୁଁ ପରା ତାଙ୍କ ସୁଖ ସବୁ ମୋର,
ଅତ୍ୟାଚାର ନୁହେଁ ପ୍ରେମ ବନ୍ଧନରେ ବନ୍ଧା ମୋର ପରିବାର ।

ଏକା ଏକା ତୁହି ରହୁଛୁ ଉପରେ ଜାଣିନାହୁଁ ପ୍ରେମ ପ୍ରୀତି,
ଅସଲ ଦୁଃଖୀ ତ ତୁହିରେ ଆକାଶ ! ମିଛରେ ଫୁଲାଉ ଛାତି ।

ମୋ ସୁଖକୁ ଦେଖି ସୂର୍ଯ୍ୟ ଚନ୍ଦ୍ର ତାରା ହସନ୍ତି ଉପରେ ଥାଇ,
ମେଘ ଢାଳେ ଜଳ କରୁଛି ଶୀତଳ ହେଉଛି ପବନ ବାଇ ।

ମାଟି କଥା ଶୁଣି ଲାଜରେ ଆକାଶ ଉପରକୁ ଗଲା ଉଠି,
ଈଶ୍ୱରଙ୍କ ପାଶେ ଅଳି କରେ ପ୍ରଭୁ ! ମୋତେ କରିଦିଅ ମାଟି ।

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଆମ ପ୍ରିୟ କବି ଶ୍ରୀ ରମେଶ ଚନ୍ଦ୍ର ପସାଏତ୍ :

ନଶ୍ୱର ଦେହ ଓ ଅବିନଶ୍ୱର ଆତ୍ମାର ସମନ୍ୱିତ ଜ୍ୱଳନ୍ତ ଦୀପ ଶିଖାଟିଏ ମା । ମାଆ ସ୍ନେହମଗ୍ନା .... ମା' ର ଆଶା ସଦା ଋତୁପର୍ଣ୍ଣା । ମା ଓ ମାଟି - ସହିଷ୍ଣୁତା ଓ ତ୍ୟାଗରେ ଏମାନେ ଚିର ଉଦାରମୟୀ ଓ ସ୍ୱୟଂସମ୍ପୂର୍ଣ୍ଣା । "ସ୍ନେହମଗ୍ନା ମାଆ" ଓ "ଆଦ୍ୟ ଆଧାର ଶିଳା" ଏହି ଦୁଇ ସନେଟ୍ ରେ କବି ରମେଶ ଚନ୍ଦ୍ର ପସାଏତ୍, ମା ଓ ମାଟିର ତୁଳନାତ୍ମକ କାବ୍ୟିକ ପରିପାଟୀ ମଧ୍ୟରେ ନିଜର ଅନୁଭୂତିକୁ ଅଙ୍ଗୀକାର କରିବା ସହ ଦାର୍ଶନିକ ମନନଶୀଳତା ଓ ଲଳିତ ଶବ୍ଦ ସଂଯୋଜନା ତଥା ବିଭୁଦତ୍ତ କୃପାକୁ ଅତି ସୁନ୍ଦର ଭାବରେ ପରିପ୍ରକାଶ କରିଛନ୍ତି । ଏହି କବିତା ମାଧ୍ୟମରେ ଏହା ଉପଲବ୍ଧି ହୁଏ - **ଏକ ମାଟି ଅନେକ ଆକାଶ... / ଏକ ମା ଅନେକ ପ୍ରକାଶ .....**

ସ୍ନେହମଗ୍ନା ମାଆ (ସନେଟ୍)

ଭିଜାମାଟିର ବାସ୍ନାରେ ମୋର ମାଆ ସ୍ନେହମଗ୍ନା
ମମତା ଭରା ପଣତେ ତାର ଆଶା ଋତୁପର୍ଣ୍ଣା...।।

ନିଦାଘ ଦହନ ସହେ ବାଣ୍ଟେ ଶ୍ରଦ୍ଧା ଶୀତଳତା
ବୈଶାଖୀ ଭାଙ୍ଗି ନ ପାରେ ତା ହୃଦୟ ବିଶାଳତା
ଭୁରୁ ଭରୁ ବରଷାରେ ଆନନ୍ଦେ ସେ ଆନମନା
ଶ୍ରାବଣୀ ପରିକା ଝରେ ନ ସହି ପୁତ୍ର ବେଦନା...।।

ଶରଦ ଆକାଶେ ଜହ୍ନ ଦେଖି ଗାଏ ଲୋରି ଗୀତ
ହଲଦୀ ହିଲ୍ଲୋଳେ ହସେ ଶୀତେ ସୋରିଷର କ୍ଷେତ
ବସନ୍ତ ମଳୟେ ଦୋଳି ହୋଲିରେ ତୋଳେ ମୂର୍ଚ୍ଛନା
ମୋ ମାଆ ମାଟିର ମୋହେ କରେ ଜୀବନ ବନ୍ଦନା..।।

ହସି ହସି କାନ୍ଦେ ପୁଣି କାନ୍ଦି କାନ୍ଦି ହସେ କ୍ଷଣେ
କୁହୁଳି କୁହୁଳି ଜଳେ ଜଳି ଜଳି ଲିଭି ଜାଣେ
ଫୁଲେ ଫଳେ ଡାଳେ ପତ୍ରେ କରେ ମମତା ରଚନା
ବସୁଧା ମୋ ମାଆ ଆହା ସହେ ଅସୀମ ଯନ୍ତ୍ରଣା..।।

ଆଦ୍ୟ ଆଧାର ଶିଳା (ସନେଟ୍)

ମାଆ ଯାଏ ଫାଟି, ମୁହିଁ ଛୁଏଁ ମାଟି, କାନ୍ଦେ ମୁଁ ଯେ, ସେ ହସେ
ଆଉ ତ କେବେ ବି ମୋର କାନ୍ଦିବାରେ ଦେଖିନାହିଁ ସେ ହସେ..।।

ମାଆ ମୋର ଯେବେ ହସି କଥା କହେ କହର ଫୁଲ ଫୁଟେ
ଯେତେ ରୁଷିଥିଲେ ହୃଦୟ ଭିତରୁ ଖୁସିର ସୁଅ ଛୁଟେ
ରୂପରେ ରସରେ ଗନ୍ଧରେ ସ୍ପର୍ଶରେ ଭିଜାଏ ଅପାର ସ୍ନେହେ
ସାରା ସଂସାରରେ ମୋ ମାଆ ପରିକା ଭଲ ତ କେହି ନୁହେଁ..।।

ଅଝଟ ହୋଇଲେ ତା ଗାଳିରେ ଯଦି କାନ୍ଦେ ଅଧିକ ମୁହିଁ
ମମତାମୟୀ ର ବେନି ନୟନରୁ ଲୋତକ ଯାଏ ବହି
କାଖେ ଧରି କେତେ ଗେଲ କରେ ମତେ ଭୁଲି କି ହେବ କେବେ
ସିଏ ତ ମୋହର ପୂଜା ଆରାଧନା ଆନନ୍ଦ ଉତ୍ସ ଭବେ..।।

ମୋ ମାଟି ମୋ ମାଆ ମାତୃଭାଷା ମୋର ଆଦ୍ୟ ଆଧାର ଶିଳା
ଜୀବନ ଛନ୍ଦର ପ୍ରଥମ ଓଁକାର ସ୍ନେହର ମଧୁଶାଳା
ମାଆର ଆଖିରେ କି ମନ୍ତର ଥାଏ ଅସହ୍ୟ ଦୁଃଖ ନାଶେ
ତା ପଣତ ତଳେ ନୀରବେ ନିଶ୍ଚଳେ ସୁଖର ନିଦ ଆସେ..।।

ପ୍ରତିଭାବାନ ନିଆରା ସାରସ୍ୱତ ପ୍ରତିଭା ସାହିତ୍ୟିକ **ଶ୍ରୀ ରମେଶ ଚନ୍ଦ୍ର ପସାଏତ୍** ତାଙ୍କ ରଚନାରେ ରହିଛି ଜୀବନର ଛବି, ଆଶା ଓ ଯନ୍ତ୍ରଣାର ସ୍ୱର। ପଦ୍ୟ ହେଉ କି ଗଦ୍ୟ ସାହିତ୍ୟ ହେଉ ତାଙ୍କ ପ୍ରତିଟି ରଚନାର ଭାବ-ଭୂମି ମହକି ଉଠେ ଐତିହ୍ୟ ଓ ପରମ୍ପରାର ବାସ୍ନାରେ । ସେ ସୁପରିଚିତ ମାଟିର ଭାଷା ଏବଂ ଉଚ୍ଚାଙ୍ଗ ଓଡ଼ିଆ ସାହିତ୍ୟ ପାଇଁ । ତାଙ୍କ ବ୍ୟକ୍ତିଗତ ଜୀବନ ଓ ଆଦର୍ଶବାଦୀ ଚିନ୍ତାଧାରା ତାଙ୍କୁ ନିଆରା ମଣିଷର ପରିଚୟ ଦେଇଛି। ଶ୍ରୀମାନ ପସାଏତ୍ କେବଳ ଜଣେ ସାହିତ୍ୟିକ ନୁହନ୍ତି, ଶିକ୍ଷାବିତ୍ ଓ ସଂଗଠକ ଭାବେ ସେ ସୁପରିଚିତ। ପୂଣ୍ୟମାଟି ଝାରସୁଗୁଡା ଜିଲ୍ଲାର ପୂଣ୍ୟତୋୟା ମଧୁସ୍ରୋତସ୍ୱିନୀ ମହାନଦୀ କୂଳରେ ଥିବା "ଶରଧା" ଗ୍ରାମରେ ତାଙ୍କର ଜନ୍ମ **ଫେବ୍ରୁଆରୀ ୨୮.୧୯୭୮** ମସିହାରେ । ତାଙ୍କ ପିତା ଶ୍ରୀ ଖେଦୁ ପସାଏତ୍ ଙ୍କ ସରଳ ଦୈନନ୍ଦିନ ଜୀବନ ରେ ଜଣେ ନିଚ୍ଛକ ମାନବବାଦୀ ସହ ଜଣେ ଅତି ନୀତିବାନ ଆଦର୍ଶ ସ୍କୁଲ ଶିକ୍ଷକ ଓ ମାତା ହେମକାନ୍ତି ପସାଏତ୍ ଅତନ୍ତି ପରୋପକାରୀ ,ସ୍ନେହ-ବତ୍ସଳା ଗୃହିଣୀ ।

କବି ରମେଶ ଚନ୍ଦ୍ର ପଶାୟତ ଙ୍କ ପ୍ରକାଶିତ କବିତା ପୁସ୍ତକ **"ସପନର୍ ଠାର୍"** ଓ ପ୍ରକାଶ ଅପେକ୍ଷାରେ ଥିବା କବିତା ପୁସ୍ତକ -" ନିଘା ଓ ମିଆଁ ଝୁଡି" (ସମ୍ବଲପୁରୀ - କବିତା) 'ବିଦଗ୍ଧ ବସୁଧା ', ଆନନ୍ଦ ଲହରୀ,

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଯୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମା - ମାଟି - ମୋହ

ରଶ୍ମୀତା ଦୀକ୍ଷିତ

ଭୁଲିପାରିବିନି ସେଇ ଝାଉଁ ବଣ
ନଭଶ୍ଚୁମ୍ବୀ ନୀରବତା
ସ୍ନିଗ୍ଧ ଛାୟା ଘେରା ପରବତ କୋଳ
ଅଲିଭା ସ୍ମୃତିର ଗୀତା ।

ଷଠି ଘର ଦିନେ ଥିଲା ମୁଖରିତ
ଅବୁଝା ମୋ କ୍ରନ୍ଦନ ରେ
ମାଟି ମା କୋଳ ପାଇ ରୋମାଂଚିତ
ଚଇତ ର ଶେଷ ଚିଠିରେ ।

ଦରୋଟି ଶବ୍ଦରେ ଡାକିଥିଲି ଦିନେ
ମଧୁମିଠା ମାଆ ଡାକ
ପହିଲି ଭାଷା ମୋ ଜୀବନ ସାରାର
ଶ୍ରେଷ୍ଠ ପ୍ରାପ୍ତି ର ପୁଲକ ।

ଘଞ୍ଚ ଅରଣ୍ୟାନୀ ପକ୍ଷୀର କୂଜନ
ଦୂର ଝରଣାର ଧାର
ଏବେ ବି ଛୁଉଁଛି ମନ୍ଦ ବାଆ ମତେ
ହୃଦୟେ କାଟିଛି ଗାର ।

ସୋରିଷ କ୍ଷେତ ର ହଳଦୀ ଓଢଣୀ
ଢାଂକେ ମାଟି ମା ଦେହ
ସେଇ ଚଳପଥେ ଚାଲିଥିଲି କେତେ
ଟାଣିଧରେ ମହାମୋହ ।

ମେଘ ଆକାଶରେ ପର୍ବତ ଚୂଡ଼ାରେ
ଖେଳୁଥାଏ ଲୁଚକାଳି
କଙ୍କି ,ପ୍ରଜାପତି ,ଗୁଡିର ଲଟେଇ
ମାନସେ ଉଠଇ ଝଳି ।

ଚମ୍ପା ,କରବୀର ,ଗୋଲାପ , ମନ୍ଦାର
ବାରମାସି ପକ୍ଷୀ ଥିଲେ
ଜନ୍ମମାଟିର ମନ୍ଦ ମହକ ଯେ
ଉନ୍ମାଦନା ମନେ ଭରେ ।

ସେଇ ସେ ମାଟିରେ ଅସୀମ ପ୍ରୀତିରେ
ଗଢ଼ା ଏଇ ପିଣ୍ଡ ମୋର
ଅଭୁଲା ସେ ସ୍ମୃତି ମଧୁଝରା ଗୀତି
ଶବ୍ଦଙ୍କର ଗନ୍ତାଘର ।

ଯେଉଁଆଡ଼େ ଚାହେଁ ପ୍ରାଣ ଉଲୁସାଏ
ଅଭୁଲା ସ୍ମୃତିର ଦିନ
ଭୁଲି ମୁଁ ପାରିନି ଭୁଲି ପାରିବିନି
ଅଜଣା ପକ୍ଷୀର ସ୍ୱନ ।

କରେ କଳରବ ଭାଷା ବଇଭବ
ଜୀବନର ମୂଳଦୁଆ
ଯେଉଁଠି ଦିନେ ଜଳିଥିଲା ମୋର
ଏନ୍ଥୁଡି ଘରର ନିଆଁ ।

ସେଇ ମାଟି ମାଆ ମୋ ପ୍ରାଣର 'କା'
ଜୀବନ ଗଢିଛି ମୋର
ମମତା ଦୀପାଳି ଥିଲା ଦିନେ ଜାଳି
ସେଇ ମୋ ଅନ୍ତିମ ସ୍ୱର ।

ମାଆକୁ ଚିହ୍ନିଛି ମା କୁ ପୁଜିଛି
ଭାଷା ଭରି ଲେଖନୀରେ
ସପ୍ତ ସ୍ୱର୍ଗ ଶୀରି ମୋ ପାଇଁକି ଧରି
ଆସିଥିଲା ଜୀବନରେ ।

ମଥାରେ ମୋ ଲେଖା ବିଜୟର ଟୀକା
ଅନ୍ତରେ ସରଳପଣ
ତିଆରିଛି ମୋତେ ମଗ୍ନ,-ମାଟି ମା
ଭାଷା ମୋ ସବୁଠୁ ମହାନ ।

ଶେଷ ଇଚ୍ଛା ମୋର କୋଳରେ ତାହାର
ଶେଷ ଯାତ୍ରା ହୁଅନ୍ତା କି ?
ପରମ ପ୍ରଶାନ୍ତି ସେବେଳେ ଲଭନ୍ତି
ଅଭିଳାଷ ଅଛି ବାକି ।

ଜା, କଟକ

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମାଆ ଓ ମାଟି ଅନନ୍ୟା ଅନୁପମା କରୁଣାମୟୀ । ସେହି ସ୍ନେହମଗ୍ନା ମମତା ଛାଉଣୀ ମାଆ ଓ ସର୍ବଂସହା ମାଟିକୁ ନେଇ ନାରୀ କବି ତାପ୍ତିମୟୀ ପଣ୍ଡାଙ୍କ ରସସିକ୍ତ ଦୁଇଟି ସନେଟ୍ : "ମମତାଛାଉଣୀ" ଓ " ମାଟିବାସ୍ନା ମହକାଏ"

****



ମମତା ଛାଉଣୀ(ସନେଟ୍)

ତାପ୍ତିମୟୀ ପଣ୍ଡା ମିଶ୍ର

ମାଆ ପରା ତୁହି ଗରଭ ଧାରିଣୀ ମାଆ ତୁହି ବସୁମତୀ
ମମତାର ଝର ଝରୁଅଛି ସଦା ତୋହର ପଣତେ ନିତି ।
ମନର ବେଦନା ମାଆ ଜାଣେ ସିନା ମଣିଛି ସରବ ତୋତେ
ମହୀ ମଣ୍ଡଳରେ ମାଆ ପରି କେହି ମିଳିବେନି କଦାଚିତେ ।।

ମଥାରେ ବୋଲିବି ମାଆ ପାଦଧୂଳି ମାଗିବିନି କିଛି ଆଉ
ମାଣିକ କାଞ୍ଚନ ମୋ ସକଳ ଧନ ମନ୍ତ୍ର,ତନ୍ତ୍ର ତୁହି ସବୁ ।
ମୋ ଭାବରେ ତୁହି ମୋ ଭାଷାରେ ତୁହି ହୃଦେ ମମତା ଛାଉଣୀ
ମାନ ସନମାନ ମାଧୁର୍ଯ୍ୟ ପ୍ରଦାନ ମାଆ ସରବ ସହଣୀ ।।

ମଧୁର ହାସିନୀ ମନ୍ଦହାସ ତୋର ମଙ୍ଗଳେ କରେ ଦର୍ଶନ
ମୁକ୍ତା ପରି ତୋର ମୁଖ ମଣ୍ଡଳଟି ମଙ୍ଗଳେ ଭରେ ଜୀବନ ।
ମାନବିକତାକୁ ମାନୁନାହିଁ କେହି ମାରନ୍ତି ଚୋଟ ତୋ ଦେହୀ
ମନେ ତୋ ତଥାପି ଆଶା ଅସୁମାରି ମାନବ ଜାତିକୁ ନେଇ ।।

ମୋହ,ମମତାର ମରଣ ଦୁଆରେ ମଶାଲ ଜାଳି ତ' ଯିବା
ମହାମାନବର ଜୟମାଲ୍ୟ ପିନ୍ଧି ମାତୃ ବନ୍ଦନା କରିବା।।

ମେଲଛାମୁଣ୍ଡା, ବରଗଡ

ମାଟି ବାସ୍ନା ମହକାଏ (ସନେଟ୍)

ତାପ୍ତିମୟୀ ପଣ୍ଡା ମିଶ୍ର

ମାଟି ମାଆ ମୋର ମମତାମୟୀ ଗୋ ମଣେ ମୁଁ ସରଗ ସମ
ତାର ପାଦ ଧୂଳି ମୁଣ୍ଡେ ମୋର ବୋଲି ସାର୍ଥକ କରିବି ଜନ୍ମ ।
ଜନମି ଥିଲି ମୁଁ ମାଟି ମାଆ କୋଳେ ତା' ପାଣି ପବନ ପିଇ
ତା'ଛାତିରେ ପରା ପାଦ ଦେଇ ଦିନେ ଚାଲିବା ଶିଖିଲି ମୁଇ।।

ସବୁଜ ଗାଲିଚା ବିଛେଇ ଦେଇ ସେ ଝୁଣ୍ଟିଲେ ମୁହଁକୁ ଚାହେଁ
ଅସୁମାରୀ ବ୍ୟଥା ଚନ୍ଦନ ପରିକା ଦୁଃଖ ସବୁ ଭୁଲିଯାଏ ।
ତା' ହୃଦରୁ ଝରେ ଅସୀମ ମମତା ମାଟି ବାସ୍ନା ମହକାଏ
ଦେହରେ ଜନ୍ମାଏ ଶତ-ସିଂହ ବଳ ସେନେହ ଛାଉଣୀ ଦିଏ।।

ଭିଜା ମାଟି ବାସ୍ନା ଗାଆଁ ମାଟି ତୃଷ୍ଣା ଶିହରଣ ଭରେ ମନେ
ଦୂରେ ଥାଇ ଏବେ ଝୁରେ ଜନ୍ମ ମାଟି ହୃଦୟରେ ପ୍ରତି କ୍ଷଣେ ।
ସବାରୀ ଉଠିଲା ତା' କୋଳରୁ ଦିନେ ସ୍ମୃତି ଭିଜା ରଜନୀରେ
ଅନ୍ତିମ ଯାତ୍ରା ମୋ ଶେଷ କରିବାକୁ କର୍ମ ଭୂମି ହାତ ଠାରେ।।

ମାଟି ଶରୀର ମୋ ମାଟିରେ ମିଶିବ ଶାନ୍ତି ରେ ଯିବି ମୁଁ ଶୋଇ
ମାଆ ର ସନ୍ନାନେ ଜୀବନ ଦେବି ମୁଁ ଋତୁପର୍ଣ୍ଣା ସ୍ୱପ୍ନ ନେଇ ।।

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମାଟି ଆଉ ମୋର ମାଁ ଟି

ସୁଦ୍ରୁମା ପଣ୍ଡା

ମୋ ଆଖିକି କିଛି ପ୍ରଭେଦ ଦିଶେନି
ମାଟି ଆଉ ମୋର ମାଁ ଟି ରେ,
ପ୍ରତିବାଦ ଭାଷା ଜଣାନାହିଁ ତାଙ୍କୁ
ସହିବା ବ୍ୟତୀତ ନିରବରେ ।।

ଜନମି ଯେବେ ମୁଁ ପଡ଼ିଲି ମାଟିରେ
ସାଉଁଟିଲା ମାଁ ଜତନରେ,
ବକ୍ଷେ ଚାପିଧରି ଉଷୁମ ପରଶେ
ଅମୃତ ଦେଲା ମୋ ଅଧରରେ ।।

କେତେ ପଡ଼ି ଉଠି ଚାଲିବା ଶିଖିଛି
ପାଦ ଥାପି ମାଟି ବୁକୁ ପରେ,
ତା ପାଣି ପବନ ରକ୍ତ ହୋଇ ବହେ
ମୋ ଶିରା, ପ୍ରଶୀରା ଧମନୀ ରେ ।।

ଆମ୍ବ ଜାମୁକୋଳି ପଣସ ପିଜୁଳି
ଖୋଜି ଖୋଜି ଦିନ ଦିପହରେ,
ବରକୋଳି ସଙ୍ଗେ କେରନ୍ଦା କଣ୍ଟେଇ
ଖାଇଛି ମୁଁ କେତେ ହରଷରେ ।।

କେତେ ବ୍ରତ ଓଷା କାକରା ଆରିସା
ମଣ୍ଡା ପିଠା ପର୍ବ ପର୍ବାଣୀ ରେ
ମାଁ ହାତ ରନ୍ଧା ସୁଆଦ ତୁଳନା
କାହିଁ ଅଛି ସାରା ପୃଥିବୀରେ ।।

ଅତି ସୁ-ଶୀତଳ ମାଁ ପଣତ ତଳ
ସ୍ୱର୍ଗ ତୁଚ୍ଛ ତାର ତୁଳନା ରେ,
ଗାଁ ବର ଓହଳେ ଝୁଲେ ସାଥୀ ମେଳେ
ଯେହ୍ନେ ମାଁ ବାହୁ ଝୁଲଣାରେ ।।

ମାଁ ଆଉ ମାଟି ଏଯାଏ ମୋ ଅଳି
ପୁରଣ କରନ୍ତି ସରାଗରେ,
ଟିକିଏ ବି ଦାଗ ଲାଗିବାକୁ ଦେଇ
ନାହାନ୍ତି କେବେ ମୋ ମରମରେ ।।

ମୋ ମାଁ ପରି ମୁଁ ମାଁ ଟିଏ ଆଜି
ହୋଇ ପାରିଛି ତା ଆଦର୍ଶ ରେ,
ଯେଉଁ ଦିନ ଥକି ଶୋଇ ପଡ଼ିବି ମୁଁ
ମିଶି ଯିବି ମାଟି ବୁକୁ ପରେ ।।

ଭଟଲି, ବରଗଡ଼

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମା, ମାଟି ଆଉ ମମତା

ଜୟଶ୍ରୀ ପଟ୍ଟନାୟକ

ସିଏ ଧାତ୍ରୀ, ସିଏ ଜନନୀ ମୋହର
ସିଏ ତ ମମତାମୟୀ
ସୁନ୍ଦର ସ୍ରଷ୍ଟାର ଅନୁପମ କୃତି
ମା ସେ ଅମୃତମୟୀ ।।

ସ୍ୱର୍ଗ ଠାରୁ ବଡ ଅଟେ ମା ର ସ୍ଥାନ
ସେ ଚିର ବନ୍ଦନୀୟା
ମମତାର ସେ ଯେ ମଧୁବୋଳା ରୂପ
ସନ୍ତାନର ଅଟେ ସାହା ।।

ସନ୍ତାନ ତା ଲାଗି ନୟନ ପିତୁଳା
ହୃଦୟର ରତ୍ନହାର
ହେଉ ପଛେ ବୃଦ୍ଧ, ଅନ୍ଧର ଲଉଡି
ଡାକୁଥାଏ ମା ତା'ର ।।

ଶୁଦ୍ଧ ସୁବର୍ଣ୍ଣ ଅଟେ ତାର ପ୍ରେମ
ବାତ୍ସଲ୍ୟ ରସ ଝରଣା
ଭଲପାଇବାଟା ନୈସର୍ଗିକ ତାର
ସୁନ୍ଦର ହୃଦ ଭାବନା ।।

ନିଜ ଜୀବନକୁ ଜଳାଞ୍ଜଳି ଦେଇ
ଅନ୍ୟର ଓଠ ହସାଏ
ତା ପଣତକାନି ଦୁଃଖରେ ସୁଖରେ
ଅନ୍ୟକୁ ଆଶ୍ରା ଦିଏ ।।

ବାର ବ୍ରତ କରି ମଙ୍ଗଳ ମନାସି
ସନ୍ତାନ ଶୁଭ ମନାସେ
ଉଦାର ଭାବନା ମହିୟସୀ ସିଏ
ତା କୋଳେ ସନ୍ତାନ ହସେ ।।

ମାଟିରୁ କଣ୍ଢେଇ ଗଢ଼ିଛି ତା ହାତେ
ଶିଖାଇଛି ମାତୃଭାଷା
ଦୁନିଆ ଦାଣ୍ଡରେ ଶିଖାଇଛି ପୁଣି
ବଞ୍ଚିବାର ପରିଭାଷା ।।

ଜ୍ଞାନୀ, ଧନୀ, ଯଶସ୍ୱୀ ହେବାର ଆଶିଷ
ଦେଇଛି ଅଭୟ ମୁଦ୍ରାରେ
ମାତୃ ବେଦନା,ମମତାର ମୂଲ କେ
ଶୁଝିନି ତାର ସେବାରେ ।।

ହଜାରେ ଜନମ ପାଇଲେ ବି ଜଣେ
ଶୁଝି ପାରିବନି ମା ଋଣ
ଶତ ପ୍ରଣାମରେ ସାଷ୍ଟାଙ୍ଗ ହେଉଛି
କ୍ଷମ ମା ମୋ ଦୋଷ ଗୁଣ ।।

ମା ମାଟି ଆଉ ମାତୃଭାଷା ସବୁ
ଅଟେ ଆମ ପରିଚୟ
ନେବାରେ ଶପଥ ତାର ସେବା ଲାଗି
ରଖିଥିବା ସଦା ଲୟ ।।

ହେ ଜଗଜ୍ଜନନୀ, ଆଦ୍ୟା-ଶକ୍ତି ତୁହି
ମା ଶକ୍ତି ସ୍ୱରୂପିଣୀ
ତୋ ଶକ୍ତି ଅପାର, ମହିମା ଅପାର
ତୁହି ମା ବିଶ୍ୱ କଲ୍ୟାଣୀ ।।

ତୋ ସନ୍ତାନ ହୋଇ ଭୂମିଷ୍ଠ ହେବାରେ
ସାର୍ଥକ ହେଲା ଜନମ
ତୁହି ମୋ ଶକତି, ତୁହି ମୋ ଭକତି
ମୁଁ ପରା ତୋର ଅଧମ ।।

ଗଙ୍ଗନଗର, ଭୁବନେଶ୍ୱର

ମା ଓ ମାତୃ ଉତ୍ସବାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଜନନୀ-ଜନ୍ମଭୂମି

କମଳିନୀ ଦେବୀ

ଜନନୀ ଜଠରୁ କୁଆଁ କୁଆଁ ରାବେ
ପଡୁ ମୁଁ ଧରାର କୋଳେ
ଜନନୀ ଧରଣୀ ଗୋଟିଏ ସ୍ୱରୂପ
ଦେଖିଲି ନୟନ ଡୋଳେ । ୧ ।

ଜନନୀ ବକ୍ଷର ସୁଧାମୃତ ପାନ
ବାହୁ ବେଷ୍ଟନୀ ଘେରେ
ପାଇଛି କେତେ ଯେ ଅନାବିଳ ସ୍ନେହ
ଅବନୀ ମାତାର କୋଳେ । ୨ ।

ତା ଦେହର ଧୂଳି ଦେହେ ହେଲି ବୋଳି
ପୃଷ୍ଟ ମୋ ତନୁ-ମନ
କୁନି କୁନି ପାଦେ ଚାଲି ଏ ଧରାରେ
ପାଦ ମୋ କରିଲି ଟାଣ । ୩ ।

ଜନନୀ ଆଙ୍ଗୁଳି ଧରି ଶିଖାଇଲେ
ଜୀଇଁବା ବଞ୍ଚିବା ରାହା
ଜୀବନେ, ମରଣେ , ଭୟ, ଶୋକେ ମୋର
ତା ପଣତ ତଳ ସାହା । ୪ ।

ଜନନୀ ଜନମ-ଭୂମି ତ ଅଟଇ
ସରଗ ଠାରୁ ବଡ
ତାଙ୍କରି ଆଶିଷ ଜୀବନରେ ସଦା
କାମ୍ୟ ଅଟଇ ମୋର । ୫ ।

ଦିବସ ଶର୍ବରୀ ଏକାକାର କରି
ଗାଇବି ତା ଜୟଗାନ
ଧନ୍ୟ ଜନ୍ମଦାତ୍ରୀ ଯେ ଦେଲେ ମତେ ଏ
ଅମୂଲ୍ୟ ଜୀବନ ଦାନ । ୬ ।

ତାଙ୍କ ମୁଖ ଭାଷା ମୋର ମାତୃଭାଷା
ମୋ ଦେଶର ମହା ବାର୍ତ୍ତା
ସେ ବାର୍ତ୍ତା ପ୍ରଚାରି ବିଶ୍ୱ ଦରବାରେ
ଗାଇବି କୀରତି ଗାଥା । ୭ ।

॥ ଇଉନିଟ୍- ୬, ଭୁବନେଶ୍ୱର ॥

ମାଟିରୁ ଆକାଶ..

ଶ୍ରୀମତୀ ବସନ୍ତ ମିଶ୍ର

ମାଟିରୁ ଆକାଶ ଯାଏ ଲମ୍ବିଅଛି
ମାଆର ମମତା ଡୋରି
ସାଗରୁ ଗଭୀର ନଭରୁ ବିଶାଳ
ତା ବୁକୁ କରୁଣା ବାରି ।୦।

ମା କୋଳେ ଜନମି ମାଟି କୋଳେ ବୁଲି
ଖେଳି ହୋଇଛି ମୁଁ ବଡ
ସହିଥାନ୍ତି ପରା ଦୁହେଁ ମୋର ଯେତେ
ଅଳି, ଅଝଟ ର ଝଡ
ଜୀବନ ମୋହର ଗଢନ୍ତି ତାହାଙ୍କୁ
ଦେବିନି କେବେ ପାସୋରି ।୧।
ମାଟିରୁ ଆକାଶ .....।

ଏକ ଦିଏ କ୍ଷୀର ଆନଟି ବଢାଏ
ପରଶି ପାଣି, ପବନ
କେହି କାହାଠାରୁ ସେବାରେ ଦୟାରେ
ନୁହନ୍ତି ବଡ କି ସାନ
ଦୁହେଁ ପୂଜନୀୟା, ବନ୍ଦନୀୟା କିଏ
ହୋଇବ ତାଙ୍କର ସରି ।୨।
ମାଟିରୁ ଆକାଶ .....।

ମାଆର ପଣତ ପତିତ-ପାବନ
ମାଟି ତ ରତନ-ବେଦୀ
ମାଆର ପରଶା ଅମୃତ-ମଣୋହି
ମାଟି ଦିଏ ସବୁ ସିଦ୍ଧି
ଦୁହିଁଙ୍କର ମଥା ଉଚ୍ଚା ରଖିବାକୁ
ଜୀବନ ମୋ ଦେବି ସାରି ।୩।
ମାଟିରୁ ଆକାଶ .....।

॥ ଭଦ୍ରକ ,ଓଡିଶା ॥

ମା ଓ ମାତୃ ଉତ୍ସବାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର ୨୦୨୦

କି ମଧୁର ମାଆ ଡାକ

ବାଉରିବନ୍ଧୁ ଲେଙ୍କା

କି ମଧୁର ମାଆ ଡାକ
ମାଆର ପ୍ରଥମ ଚୁମାରୁ ଶିଖିଛି
ଭୁଲିବିନି ମଲା ତକ
କି ମଧୁର ମାଆ ଡାକ ॥ ୦ ॥

ହସିଲେ ମାଆଲୋ କାନ୍ଦିଲେ ମାଆଲୋ
ଡାକୁଥିଲି ପିଲାବେଳେ
ବସିଲେ ମାଆଲୋ ଉଠିଲେ ମାଆଲୋ
ଡାକେ ଆଜି ବୃଦ୍ଧ କାଳେ
ମୋ ଶିରା ପ୍ରଶିରା ମାଆ ଡାକେ ଭରା
ମାଆ ଡାକ ପୁଣ୍ୟଶ୍ଲୋକ
କି ମଧୁର ମାଆ ଡାକ ..... ॥ ୧ ॥

ମାଆର ମମତା ଅମୂଲ୍ୟ ମୁକୁତା
ହୁଏନାହିଁ କିଣା ବିକା
ଅନ୍ତ ଫାଡି ସିଏ ଜନମ ଦେଇଛି
ଜାଣଇ ସେ ମୂଲ୍ୟ ଏକା
ମାଆ ଅପମାନ କରେ ଯେଉଁ ଜନ
ଧିକ୍ ତା ଜୀବନ ଧିକ୍
କି ମଧୁର ମାଆ ଡାକ..... ॥ ୨ ॥

କୌଣସି ବି ମାତା ନୁହଁଇ କୁମାତା
ମାତା ସେ ମମତାମୟୀ
ସନ୍ତାନ ପାଇଁ ସେ ସବୁ ଝଡ ଝଞ୍ଝା
ନିରବରେ ଯାଏ ସହି
ଅନାହାରେ ରହି ନିଜେ ସେ ଦିଅଇ
ପିଲାଙ୍କ ମୁହଁରେ ଢୋକ
କି ମଧୁର ମାଆ ଡାକ..... ॥ ୩ ॥

ମାଆ ପରି ମାଆ ମାଟିର ମମତା
ଭୁଲି ହେବନି ଜୀବନେ
ତା ପାଣି ପବନ ନଦୀ ଗିରି ବନ
ଉଙ୍କିମାରେ ଆଜି ମନେ
ମନେପଡେ ଆଜି ସାଙ୍ଗସାଥୀ ମେଳ
ଗାଆଁ ଶେଷମୁଣ୍ଡ ଛକ
କି ମଧୁର ମାଆ ଡାକ ..... ॥ ୪ ॥

ରଜଦୋଳି ଖେଳ କୁମାର ପୁନେଇଁ
ପୁଚିଖେଳ ଡଙ୍ଗାଭସା
ଜାଗର ଯାତରା ହୋଲି ଫଗୁଖେଳ
ମାର୍ଗଶୀର ମାଣବସା
ସବୁ ପରବରେ ମାଆ ମୋର ଥିଲା
ସଚେତନ ଓ ସତର୍କ
କି ମଧୁର ମାଆ ଡାକ..... ॥ ୫ ॥

ଝଙ୍କା ବରଗଛ ଓହଳେ ଖେଳିଛି
ଡାଳମାଙ୍କୁଡିର ଖେଳ
ମନେ ପଡେ ଆଜି ବୁଡାବୁଡି ଖେଳ
ମୋ ଗାଆଁର ନଈନାଳ
ମନ ପରଦାରେ ସବୁ ସ୍ମୃତି ଆଜି
ଭାସିଆସେ ଏକ ଏକ
କି ମଧୁର ମାଆ ଡାକ..... ॥ ୬ ॥

ଭଲ ଲାଗେ ବିଲ ବାରି ମୋ ଗାଆଁର
ସବୁଜ ଧାନ କିଆରି
ଭୋଦୁଆ ଖରାରେ କି ସୁନ୍ଦର ଦିଶେ
ସବୁଜ ଶସ୍ୟ ଲହରୀ
ଶୀତଳ ସମୀର ଭେଟି ଦିଏ ଆଣି
ନାନା ଫୁଲର ମହକ
କି ମଧୁର ମାଆ ଡାକ..... ॥ ୭ ॥

ମାଆ ପରି ସମ ମାଟି ମାଆ ମମ
ସରଗଠୁ ଗରୀୟସୀ
ତା କୋଳରେ ବଢି ବଡ ମୁଁ ହୋଇଛି
ଦେଇଛି ସେ ସବୁ ଖୁସି
ତା ସେବାରେ ମନ ତା ପାଇଁ ଜୀବନ
ଦେଇ ରଖିବି ତା ଟେକ
କି ସୁନ୍ଦର ମାଆ ଡାକ ..... ॥ ୮ ॥

॥ ଦୁର୍ଗାମାଧବ ନଗର , ଭୁବନେଶ୍ୱର ॥

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମା ଓ ମାଟି

ସୁଦର୍ଶନ ମହାପାତ୍ର

ମା'ର କୋଳ ଛାଡ଼ିବା ପରେ ହିଁ
ସାମ୍ନାକୁ ଆସେ
ସତ-ମିଛର ଦୁନିଆ
ତା' ପଣତ ଛାଡିବା ପରେ ହିଁ
ଅନୁଭବ କରିବାକୁ ହୁଏ
ଦୁଃଖ, ଯାତନାର ସଂସାର ।

ଆବୁଡା - ଖାବୁଡା ରାସ୍ତାରେ
କେବେ ଝୁଣ୍ଟି ପଡିଲେ
ଖୋଜି ହୁଏ ତା'କୁ
ଧୂଳି ସବୁ ଝାଡି ଦେବାକୁ
ଲୁହ ଅବା ଲହୁ ପୋଛି ଦେବାକୁ
କୋଳେଇ ନେବାକୁ ଥରେ
ମୋର ସମଗ୍ର ସତ୍ତାକୁ ।

ସୁଖର ଅନ୍ୱେଷଣରେ
ଯେଉଁଠି ରହିଲେ ବି
ମନକୁ ବୁଝାଇ ହୁଏନା
ନିଜ ମାଟିଠୁ ଦୂରେଇ ରହି
ଶୂନ୍ୟତାକୁ ଛୁଉଁ ଥାଏ ନିତି
ସାମ୍ନାରେ କେବେ ଉଭା ହୁଏ
ମାୟା ମରୀଚିକା
ଫେରି ଯିବାକୁ ଇଚ୍ଛା ହୁଏ
ପ୍ରାଣ ପ୍ରାଚୁର୍ଯ୍ୟରେ ଭରା
ଜନ୍ମ ଭିଟାମାଟି
ଯେଉଁଠି ଛାଡ଼ି ଆସିଥିଲି
ହର୍ଷିତ ସୁନେଲି ଫସଲ
ବୈକୁଣ୍ଠ ସମାନ ଛୋଟ ଏକ ଘର
ଆଉ ଲଙ୍ଗଳ ମୁନରେ ଲେଖା
କେରା କେରା ସ୍ୱପ୍ନର ସାକ୍ଷର ।

ମା' ପରି....
ମାଟି ମାଆ ବି ପତେଇ ଦେଇଛି
ତା'ର ସୁବିସ୍ତୃତ ପଣତ
ମୋତେ ଏବେ ଲୋଡା
ମମତାରେ ଭରା
ମୋ ମାଆର ଦୁଇପଦ କଥା
ଭରିବାକୁ ଶୂନ୍ୟ ହୃଦୟକୁ ,
ମୋତେ ବି ତ'ଲୋଡା
ମଥାର ତିଳକ ପାଇଁ
ଚିମୁଟେ ମାଟିର ସ୍ନିଗ୍ଧତା
ଖୁସିରେ ମହକି ଯିବାକୁ !!!

କୁଞ୍ଜବିହାରୀ ଲେନ,କଟକ

ମା ଓ ମାତୃ ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଗାଆଁ ଆଉ ମାଆ

ପ୍ରଶାନ୍ତ କୁମାର ନାଥ

ପ୍ରବାସରେ ରହି ଝୁରୁଛି ଗାଆଁକୁ
ଖୋଜୁଛି ମାଆର ଛୁଆଁ
ସବୁଠୁ ନିଆରା ତା ପାଣି ପବନ
ଏଡୁଡ଼ି ରୁ ଜୁଇନିଆଁ ।

ଗାଆଁର ସଭ୍ୟତା ଗାଆଁ ପରମ୍ପରା
ଗାଆଁର ଯେ ବାଲି-ଧୂଳି
ମାଆ ହାତରନ୍ଧା ଶାଗ-ମୁଗ ଆଉ
ମାଆର ସରୁ ଚକୁଳି ।

ଗାଆଁର ମଳୟ ଗାଆଁର ବଳୟ
ଗାଆଁର ମନ୍ଦିର ନେତ
ମାଆ ହାତେ ବଢା ବଡି-ବାଇଗଣ
ସୁଆଦ ପଖାଳ ଭାତ ।

ଗାଆଁ ସଞ୍ଜ ଆଉ ଗାଆଁର ସକାଳ
ଗାଆଁର ସେ ଜହ୍ନରାତି
ମାଆର ପଣତ ମମତା ପରଶ
ମନ ଖୋଜୁଥାଏ ନିତି ।

ଗାଆଁ ଗାଈଗୋଠ ପୋଖରୀର ତୁଠ
ଗାଆଁର ସବୁଜ କ୍ଷେତ
ମାଆ ଡାକ ଆଉ ମାଆର ସେନେହ
ମାଆ ଆଶୀର୍ବାଦ ହାତ ।

ଗାଆଁର ବୈଶାଖ ଗାଆଁର ବସନ୍ତ
ଗାଆଁର ବରଷା ଋତୁ
ମାଆ ଓଷା ବ୍ରତ ମାଆ ମାନସିକ
ମାଆର ସମ୍ପର୍କ ସେତୁ ।

ଗାଆଁ ନଈପଠା ଗାଆଁ ଆମ୍ବତୋଟା
ଗାଆଁର ପଡିଶା ଘର
ମାଆର ତିଆରି ତୁଟୁକା ଔଷଧ
ହୋଇଯାଇଥିଲେ ଜ୍ୱର ।

ଗାଆଁ ଖଳା ଆଉ ଗାଆଁର ବେଙ୍ଗଳା
ଗାଆଁର ସବୁଜ ବାଡ଼
ମାଆ ମିଠା ଗାଳି ମୋ ଧନ ସଞ୍ଚାଳି
ମାଆର ହାତରୁ ମାଡ଼ ।

ଗାଆଁର ଏକତା ଗାଆଁ ମହାନତା
ଗାଆଁର ଯେ ପ୍ରତିଛବି
ମାଆର ମମତା ମାଆର କ୍ଷମତା
ଜାଣେ ଏକା ଅନୁଭବୀ ।

******

ଲକ୍ଷ୍ମୀପୁରା,ବଦ୍ରାହାଲି, ସକାଲବାରା ରୋଡ଼,
ଜିଗନି ହୋବ୍ଲି, ଆନେକେଲ ତାଲୁକ, ବାଙ୍ଗାଲୋର-୫୬୦୦୮୩

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମା-ମାଟି-ସୃଷ୍ଟି

ତ୍ରିଲୋଚନ ପଣ୍ଡା

ଗାଇବାକୁ ଯଦି ଅଛି ଜୀବନରେ
କହିବାକୁ କିଛି ଥାଏ
ମା ମାଟି ପାଇଁ ଦି ପଦ ଗାଇଲେ
ମନ ଆପେ ଭରିଯାଏ ॥୧॥

ଦେଖିବାକୁ ଯଦି ଅଛି ଜୀବନରେ
ଲେଖିବାକୁ କିଛି ଥାଏ
ମା ମାଟି ଦେଖି ଦି'ପଦ ଲେଖିଲେ
ପ୍ରାଣ ଆପେ ଶାନ୍ତି ପାଏ ॥୨॥

ନଇଁବାକୁ ଯଦି ଅଛି ଜୀବନରେ
ସହିବାକୁ କିଛି ଥାଏ
ମା ମାଟି ପାଇଁ ସହି ନଇଁ ଗଲେ
ଛାତି ମୋଟ ହୋଇଯାଏ ॥୩॥

ପେଟ କାଟି ମା ଛୁଆ ମୁହେଁ ଦିଏ
ମାଟି ଦିଏ ଛାତି ଚିରି
ଦେଇ ବଦଳରେ ଭାବନ୍ତନି ମନେ
ପାଇବାକୁ କିଛି ଫେରି ॥୪॥

ମା ମାଟି କୋଳ ଅସନା ହେଲେ ବି
ଛି କରନ୍ତିନି ଦିନେ
ଯେତେ ପରକାର ନାଚିଲେ କୁଦିଲେ
ଧରନ୍ତିନି କିଛି ମନେ ॥୫॥

ମା ମାଟି କେବେ କହିବା ଶୁଭେନି
ଛୁଆ ତାଙ୍କ ବୁଢା ବୁଢ଼ୀ
ମାଟି ଦେଉଥାଏ ଫଳ ଫୁଲୁରି ତ
ମା ଦିଏ ରାନ୍ଧି ବାଢି ॥୬॥

ଯେତେ ବଡ ସାଧୁ ସନ୍ଥ ହେଉ ପଛେ
ମାଟି ମା କୋଳ ଦେଇ
ତପସ୍ୟା ସାଧନା ସିଦ୍ଧି ରିଦ୍ଧିମାନ
ମା ମାଟି ଥିଲେ ପାଇ ॥୭॥

ମା ଗରଭରୁ ଜନ୍ମିତ ମଣିଷ
ମାଟିରେ ମିଶିବ ଦିନେ
ଦୁହିଁଙ୍କ ନିମନ୍ତେ ପ୍ରାଣବଳି ଦେଲେ
ସିଧା ଗତି ସ୍ୱର୍ଗାସନେ ॥୮॥

ନାଁ ନେବା ପାଇଁ ମା' ପେଟ ଲୋଡା
ଗାଁଟିଏ ପାଇଁ ମାଟି
କୃଷ୍ଣ ବଳରାମ ଗୋପ ବୃନ୍ଦାବନ
ମା'- ମାଟି ପାଇଁ ସୃଷ୍ଟି ॥୯॥

॥ ଦୁର୍ଗାମାଧବ ନଗର , ଭୁବନେଶ୍ୱର ॥

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଭିଜା ମାଟିର ବାସ୍ନାରେ ମା'ର ମମତା

ପଦ୍ମିନୀ ଦାଶ ମହାପାତ୍ର

ଆହା କି ସୁନ୍ଦର ମୋର ଗାଁର ନେତ
ଦେଖିବାକୁ ମନ ହୁଅଇ ବ୍ୟଥିତ
ତା କୋଳେ ସାଇତା ସ୍ମୃତି ମୋ ବହୁତ
ନାଚି ଉଠେ ହୃଦୟେ ହୋଇ ଜୀବିତ ।

ରାଇଜ ରାଇଜ କେତେ ଯେ ନଗର
ବୁଲିଲି ଦେଖିଲି ଯେତେକ ସହର
କେଉଁଠି ପାଇଲି ନାହିଁ ସେ ପ୍ରକାର
ଅନନ୍ୟ ମମତା ମୋ ମାଟି ମାଆର ।

ମନ ଘାରେ ବାରବାର ଅନ୍ତରାଳେ
ହାତ ଠାରି ଡାକେ ମୋ ଏକୁଡିଶାଳ
କର୍ତ୍ତବ୍ୟ ପଥରେ ଜୀବନ ଜଞ୍ଜାଳେ
ରଖିଅଛି ଲୟ ଅନ୍ୟତ୍ର ବି ଥଲେ ।

ଝାଟିମାଟି ଘର ଚାଳ ଛପରରୁ
ଦିଶୁଛି ତାର ଛବିଳ ରୂପ ଚାରୁ
ସିଏ ମୋ ନିଜଠୁ ଅତି ଆପଣାର
ଆଧୁନିକ ଛାପ ନ ଥିଲେ ବି ତାର ।

ଯେଉଁଠି କଟିଛି ଗେଲବସରରେ
ପିଲାଦିନ ମଜା ସାଥୀଙ୍କ ମେଳରେ
ବାଲିଘର ଗଢି ଭାଙ୍ଗୁଥିଲି ତୋଳି
ବୋହୂଚୋରି ଆଉ ବରଗଛେ ଦୋଳି ।

ଜୀବନ ପୃଷ୍ଠାର ସକାଳ ସୁରୁଜ
ତାର ଝୁଲଣାରେ ହସିଛି ଶିଖିଛି
ବଢିଥିବା ପାଦ ଆଉ ମୋ ହାତକୁ
ଆଜି ବି ମୋ ଗାଆଁ ଅନାଇ ବସିଛି ..।

ବ୍ୟସ୍ତ ବହୁଳ ଏ ଜୀବନରେ ଆଜି
କାହିଁକି କେଜାଣି ଶୂନ୍ୟ ଲାଗୁଅଛି
ମମତାମୟୀ ସେ ମାଟି ମାଁ ହସୁଛି
ଅନେକ କିଛି ମୋ ଆଖି ଖୋଜୁଅଛି ।

ମୋ ପ୍ରିୟ ଗାଆଁର ପୋଖରୀ ହିଡରେ
ଆମ୍ବତୋଟା ନୁହେଁ କଦମ୍ବ ବନରେ
ହେଲେ ଗୋଠଗାଈ ମେଳରେ ଆଜି ବି
ଶୁଭୁଛି ଗଉଡ ବଇଁଶୀ ସ୍ୱନରେ ।

ଅଧିର ପରାଣ , ମନ ମୋ ଉଚ୍ଛନ୍ନ
ସେଠାରେ ଥିଲା ମୋ ବାଲ୍ୟ ମଧୁବନ
ସେ ମାଟିର ସ୍ନେହ ,ମୋ ମା'ର ମମତା
ପ୍ରାଣେ ଭରିଦିଏ କେତେ ପ୍ରସନ୍ନତା ।

ଯେଉଁ ମାଟିରେ ତ ବସନ୍ତ ମଳୟ
ଛୁଇଁଛି ମୋ ତନୁ ନବ ଯଉବନ
ସେଇ ମୋ ମାଁ ମାଟି ଅତି ପ୍ରିୟ ମୋର
ସତେଜ ସଙ୍କେତ ସୁବର୍ଣ୍ଣ ସ୍ମୃତିର ।

ଆଜି ବି ବହୁଛି ମୋ ସାରାଶରୀରେ
ମା'ର ମମତା ଶୀରା ଧମନୀରେ
ମା'ର ସେନେହ ପରିତୃପ୍ତି ଝର
ମହ ମହ ବାସ୍ନା ମୋ ଭିଜାମାଟିର ।

ଜନ୍ମ ଅଛି ଯଦି ଭବେ ପୁନର୍ବାର
ବଦଳିବ ନାହିଁ ଜନନୀ-ପିଅର
କହିବି ପ୍ରଭୁ ଏ ଗାଆଁର ବକ୍ଷରେ
ଜନମ ଦେବ ହେ ବିଭୁ ପୁଣି ଥରେ ।

॥ ଗୁରୁସାହି.,ଦେବଗଡ ॥

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମଙ୍ଗଳମୟୀ ମାଆ ଓ ମାଟି

ସୁପ୍ରଭା ସାମଲ

ମାଟି ପିଣ୍ଡୁଳାକୁ ମୂର୍ତ୍ତିଟେ ସଜେଇ ଜୀବନ୍ୟାସ ଦେଇ ଗଢିଦିଏ ଯିଏ, ସିଏ ମାଆ ଆଉ ମାଟି ମାଆ....
ମଧୁବୋଳା ତା'ର ଆକାଶଠୁ ବଡ ପଣତ ଛାଇରେ ଆଶ୍ରୟ ଦିଏ ସେ ବିପଦେ, ଆପଦେ ସାହା ।

ମାଆ ପାଇଁ ସିନା ଦୁନିଆଁ ଦେଖିଲି, ବିଚାର ଶିଖିଲି ଅନ୍ଧାରକୁ ଚିରି ବାଛିଲି ଆଲୋକ ପଥ...
ମାତୃତ୍ୱର ସେଇ ଅମୃତ ଦାନରେ ଜୀବନ ଜିଇଁଲି, ଆଶୀର୍ବାଦେ ତା'ର ପୂର୍ଣ୍ଣ ଯେତେ ମନୋରଥ ।

ମରମ ବେଦନା ମାଆ ସିନା ବୁଝେ ସ୍ନେହ, ସରାଗରେ ମାପିଦେଇପାରେ ହୃଦୟର ଗଭୀରତା....
ମହିମା ମଣ୍ଡିତା ମମତ୍ୱଭରା ତା' କଥା ପଦକରେ ଅନ୍ତରରେ ଭରେ ଆବେଗର ନିବିଡ଼ତା ।

ମହାଦେବୀ ସିଏ ମାଟିର ମଣିଷ, ରକ୍ତ, ମାଂସେ ଗଢ଼ା ସରଳ, ତରଳ ଜୀବନ୍ତ ପ୍ରତୀମାଟିଏ....
ମହାମନ୍ତ୍ର ତା'ର ଜୀବନ ପଥରେ ଅଗ୍ରସର ପାଇଁ ମନରେ ସାହସ, ଦୃଢ଼ତାର ଶିକ୍ଷା ଦିଏ ।

ମଙ୍ଗଳମୟୀ ମୋକ୍ଷଦା ମାଆ ମୋ ଶିକ୍ଷା ଓ ଦୀକ୍ଷାର ପ୍ରଥମ ଗୁରୁ ସେ କୋଳ ତା'ପବିତ୍ର ମୋକ୍ଷ ଧାମ....
ମହନୀୟା ସିଏ ଆପଣା କର୍ମରେ ତା'ଭକ୍ତି ଭାବରେ, ପ୍ରାର୍ଥନା, ସ୍ତୁତିରେ ପୂରଣ ମୋ' ମନସ୍କାମ ।

ମନ ମୋର ଝୁରେ ଥିଲେ ଯେତେ ଦୂରେ ମାଆର ପଣତ ମିଠା ସେଇ ମାଟି ମୋହ....
ମୁକ୍ତ-କଣ୍ଠେ ମୁଁ ଗାଉଥିବି ନିତି ମାଆ, ମାଟି ବନ୍ଦନା ଆଖିରୁ ଝରାଇ କୋହର ଦି'ଟୋପା ଲୁହ ।

ମହାପୁଣ୍ୟ ବଳେ ଜନ୍ମ ଲଭି ମୁଁ ମାଆ, ମାଟି କୋଳେ ସାର୍ଥକ ମୋର ଜୀବନ ହୋଇଛି ଧନ୍ୟ.....
ମହାନୁଭବେ ମୁଁ ମନର ମନ୍ଦିରେ ମାଆ ଓ ମାଟିର ପବିତ୍ର ଚରଣ ପୂଜୁଥିବି ପ୍ରତିଦିନ ।

କୋଠପଦା, ମାହାଙ୍ଗା, କଟକ

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମା,ମାଟି ଏକା କଥା

ପ୍ରବାସିନୀ ହୋତା

ମା' ବୋଇଲେ କିଏ ?
ଛୁଆ ଧରାଶାୟୀ ହୋଇଯିବା ବେଳେ
ବାହୁ ତୋଳି ଆତୁରେ
କୋଳେଇ ନିଏ ଯିଏ
ଯେମିତି ପଡ଼ିଗଲା ବେଳେ ଜନନୀ
ଆଉ ମରି ଶୋଇଲା ବେଳେ ମାଟି..।

ମା' ବୋଇଲେ କିଏ
ଭୋକରେ ଅନ୍ତନାଡ଼ୀ ଦୁହିଁ ଗଲା ବେଳେ
ମନ ଜାଣି ଯିଏ ଖାଦ୍ୟର ସମ୍ଭାର ବଢ଼େଇ ଦିଏ
ଯେମିତି କୁଆଁ କୁଆଁ କାନ୍ଦୁଥିବା
ଛୁଆର ମୁହଁ ରେ ଜନ୍ମଦାତ୍ରୀ ତାର ଥନ
ଆଉ ବୁଭୁକ୍ଷୁର ମୁହଁରେ
ମାଟି ତାର ଶସ୍ୟର ଦୁଇ ଦାନା..।

ମା' ବୋଇଲେ ଆଉ କିଏ
ସନ୍ତାନର ସର୍ବମଙ୍ଗଳ କାମନାରେ
ନିଜକୁ ଟୁକୁରା ଟୁକୁରା କରି
ନିଃଶେଷ କରିଦେଉଥିବା
ଆଶିଷର ସେଇ ହାତଟିଏ ..।

ସେ ମା' ହେଉ
ଅବା ହେଉ ମାଟି
ପ୍ରଭେଦ ବାରିବାର ନାହିଁ କିଛି ।।

ଶେଷ ନିଃଶ୍ୱାସ ଛାଡ଼ିଲା ବେଳେ
କେବେଠୁ ମାଟି ହୋଇସାରିଥିଲା
ମା'ର ଅସ୍ପଷ୍ଟ ମୁହଁ ନେସି ହୋଇ
ମାଟି ହୋଇଯାଉଥାଏ,
ମାଟି ନେଉଥାଏ କ୍ରମଶଃ
ମାଆର ସ୍ପଷ୍ଟତର ସ୍ୱରୂପ
ମା' ଆଉ ମାଟିର ଏକାକାର ମୁହଁ
ଡାକୁଥାଏ ଆହ୍ଲାଦରେ ବଢ଼େଇ ଦେଇ ହାତ
ତା କୋଳରେ ଶୋଇଯିବାକୁ
ମନ୍ୱନ୍ତରର ପ୍ରଶାନ୍ତମୟୀ ନିଦ ।।

ଭଟଲି ଛକ, ବରଗଡ଼

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
୨୦୨୦

ମା - ମାଟି କୁ ନେଇ କବି ପ୍ରସନ୍ନ କୁମାର ମାଦଳା ଙ୍କ ଦୁଇଟି କବିତା : "ମାଆ" ଓ "ମାଟିର ମୋହ "

ମାଆ

ପ୍ରସନ୍ନ କୁମାର ମାଦଳା

ଉଦାସିନୀ ଥାଇ ହସହସ ଲାଗେ
ଦେଖିଲେ ମାଆର ମୁହଁ
ନିଜର କୋହକୁ ଛପାଇ ସତେକି
ପିଇଯାଏ ଆଖିଲୁହ ।
ମାଆ ଜାଣେ ସିନା ସନ୍ତାନକୁ ଦେଖି
ଅନ୍ତର ବେଦନା ଯାକ
ହଜମ କରେ ସେ ନିଜ ଦୁଃଖ ଯାହା
ମାଡେନି ପିଲାଙ୍କ ପାଖ |
ନିଜ ଦୁଃଖ ଚାପି ସନ୍ତାନର ପାଇଁ
କାମନା କରେ ଯେ ସୁଖ
ପଣତ କାନିରେ କୋହ ପୋଛିଦେଇ
ସାଜିପାରେ ପୂରା ମୂକ ।
ଜୀବନର ଯେତେ ଧର୍ମ ଅରଜନ
ଉତ୍ସର୍ଗ ସଭିଙ୍କ ପାଇଁ
ପ୍ରତିଦାନେ କେବେ ପରିବାର ଠାରୁ
କିଛି ଆଶା ରଖେ ନାହିଁ ।
ପିଲାଙ୍କ ମଙ୍ଗଳେ ପୂର୍ବ କଷ୍ଟ ଭୁଲି
ସମସ୍ୟା ଆଗରେ ଯୁଝି
ଦୁଃଖିନୀ ହେଲେ ବି ମାଆ ଏକା ପାରେ
ପିଲା ମନକଥା ବୁଝି ।
ମାତା ମୁଖ ଗୋଟି ଚନ୍ଦ୍ରମା ସମାନ
ମଧୁ ପୀୟୂଷର ଧାରା
ସାନିଧ୍ୟେ ତାହାର ଅପସରି ଯାଏ
କୋଟି ପାପତାପ ଭାରା |
ମାଆ ଡାକ ଏହି ସଂସାରରେ ସାର
ମମତାର ମଧୁ ଝରେ
ବିପଦ ଆପଦେ ଶାନ୍ତିସୁଧା ମିଳେ
ମାଆ ନାମ ସ୍ମରଣରେ ।

ମାଟିର ମୋହ

ପ୍ରସନ୍ନ କୁମାର ମାଦଳା

ମାଟିରେ ଜନମି ମାଟିରେ ମିଶିବି
ଫେରିଯିବି ନିଜ ଘର
ଅତୀତ ଘାଣ୍ଟିଲେ ମାଟିଆ ଦିଶିବି
ମାଟିରୁ ନୁହେଁ ମୁଁ ପର ।
ଶରଧାରେ ଯେବେ ହାତକୁ ପତାଇ
ନ ମିଳିଲା ଗଣ୍ଡେ ଭାତ
ହିଂସା ଅନୀତିରେ ନିଜକୁ ମତାଇ
ଆନେ ଉଠାଇଲି ହାତ ।
ପୁରୁଣା ବତୁରା ସମ୍ବନ୍ଧକୁ ଛାଡି
ଭୁଲିଲି ମାଟି ମହକ
ବିଳାସ ସପନେ ଅବାଟରେ ମାଡି
ଧରିଲି ଗୋଳା ଡହକ ।
ଦୋଷୀ ବା ନିର୍ଦୋଷ ନ ପାରିଲି ବାରି
ବନ୍ଧୁକ ଉଠାଇ ହାତେ
ଅବଳ ନିରୀହ ହୃଦେ ଗୁଳି ମାରି
କବର ଦେଇଛି ଗାତେ ।
ଉଗ୍ରପନ୍ଥୀ ସାଜି ବୁଝି ହିଁ ନପାରେ
କି କାରଣେ ରକ୍ତପାତ
ନିଜ ପ୍ରତି ନିଜେ ଥାଇ ଯେ ଖପାରେ
ଦେଉଥିଲି ଶକ୍ତ-ଘାତ ।
ନିଜର ଭିତରେ ଗଚ୍ଛିତ ମୋହରେ
ନିଜକୁ ନିଜେ ହିଁ ଜାଳି
ବିଷର ବଳୟେ ଆଜି କି କୋହରେ
କାନ୍ଦଇ ଲୋତକ ଢାଳି ?
ଗୋଳା ବାରୁଦର ପାଉଁଶେ ମୁଁ ପାଏ
ଜୀବନ ଜୀଇଁବା ବାଟ
ଦଦରା ମୋ ନାବ ନୀରବରେ ଥାଏ
ଅନ୍ୱେଷି ଗାଆଁର ଘାଟ ।
ଯେତିକି ହୁଡିଲି ସେତିକି ପାଇଲି
ଏକା ସେ ଆକାଶ ମାଟି
ଫେରାଇ ଦେବାକୁ ଛଡାଇ ଧାଇଁଲି
କଲିଜା ଯାଏ ମୋ ଫାଟି ।
ଶୂନ୍ୟରେ ବିଚରି ଉଡୁଥିଲେ ନିତି
କି ହେବ ଦି'ପଟ ଡେଣା
ଗାଆଁର ଭୁଇଁରେ କାଳ ଯାଉ ବିତି
ଥିବ ତ ବାଉଁଶ ବେଣା !

ରାଉରକେଲା - ୭୭୯୦୦୨
ଦୂରଭାଷ - ୭୯୭୮୧୯୨୨୨୭

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଗାଆଁର ମାଟି – ମାଆର କୋଳ

- ସୁଧାଂଶୁ ଶେଖର ଦ୍ୱିବେଦୀ

ରାତିର ତୃତୀୟ ପହର
ନିଶ୍ଚଳ ଶାନ୍ତି..
ମୋ ଗାଁର ଧୂଳି-ଭର୍ତ୍ତି ନିର୍ଜନ ସଡକ
ଗର୍ଭଣୀ ମଇଁଷି ପରି ଦୂରକୁ ଲମ୍ବି ଯାଇଥିବ ;
ବୁଲା କୁକୁରଙ୍କ ଭୋକିବାର ଶବ୍ଦ
ବହୁ ପୂର୍ବରୁ ନିଦ ବଜାରରେ ବିକା ସରିଥିବ ;
ଲିମ୍ବ ଗଛ, ନନ୍ଦକୂଅ ,ବିଜୁଳୀ ତାରର ଖୁଣ୍ଟ
ସବୁ ଏକ ଅଂଶ ହୋଇ ରହିଯାଇଥିବେ ;
ଜହ୍ନ ବି ବୁଢା ଆକାଶ ଛାତିରେ
ମୁଣ୍ଡ ରଖି ଘୁଙ୍ଗୁଡ଼ି ମାରୁଥିବ ।
ହେଲେ ମୋ ମାଆ...
ଝୁକି ପଡିଥିବା ପିଠିକୁ
କାନ୍ଥର ଆଶ୍ରା ନେଇ ଏପର୍ଯ୍ୟନ୍ତ ବସିଥିବ
କୌଣସି ଦମା ରୋଗୀ ପରି
ବାରମ୍ବାର ଧକଉଥିବ
କ୍ରମଶଃ ତା ଛାତିର ବ୍ୟଥା
ଅନୁଭବ କରିପାରୁଥିବ କୋଟର ଆଖିରେ
ଲୁହର ଗାଢ଼ ଚିହ୍ନ ।
ମାଆକୁ ଜଣାନଥିବ
କେତେବେଳେ ଶ୍ୱାସ ପ୍ରଶ୍ୱାସର ଗତି
ଦୋହଲି ଦୋହଲି ଜଳୁଥିବା
ଚୁଙ୍ଗି ଭଳି ଲିଭିଯାଇଥିବ ;
ତଥାପି ମୁଁ ଧୂଆଁଳିଆ ଆଖିରେ
ଦେଖୁଥିବି ଶୂନ୍ୟ ପଲଙ୍କକୁ
ଯେଉଁଠି ପିଲା ଦିନେ ତା' କୋଳରେ
ମୁଣ୍ଡ ରଖି ମୋକ୍ଷ ଖୋଜୁଥିଲି।

ବି.ସି-୭୪,ସେକ୍ଟର-୧,ସଲ୍ଟ ଲେକ
କୋଲକତା- ୬୪/(ମୋ)-୯୬୮ ୧୩୭୩୫ ୧୨



ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର ୨୦୨୦

ଏଇ ମୋ ମାଆ-ଏଇ ମୋ ମାଟି

- ପ୍ରତିଭା ପରିଜା -

ଏଇ ତ ଦିଶୁଛି ଦିଗ୍‌ବଳୟ ତଳେ
ଗଛ ଲତା ଭରା ଗାଁଆ
ସେଇଠି ମୁହିଁ ଯେ ଜନମ ଲଭିଛି
ସେଇଠି ପାଇଛି ନାଁଆ । ୧ ।

ତାଳ ନଡ଼ିଆର ବଣ ଭୂଇଁ ପରା
ଚାକୁଣ୍ଡା - ବାଉଁଶ ବଣ
ମାଟି ଅଗଣାର ଲିପାପୋଛା ଘରେ
ବଢିଛି ମୋ ତନୁ ମନ । ୨ ।

ପ୍ରଥମେ ଯାହାକୁ ଚିହ୍ନି ଥିଲି ମୁହିଁ
ସିଏ ଥିଲା ମୋର ମାଆ
ତାହାରି ପରଶେ ଧିରେ ଧିରେ ମୁଁ ଯେ
ଚିହ୍ନିଲି ସାରା ଦୁନିଆ । ୩ ।

ଧିରେ ଧିରେ କଥା କୁହାଇଲା ମୋତେ
ଓଠେ ଫୁଟାଇଲା ହସ
ମାଟି ମାଆ କୋଳେ ଚାଲି ଶିଖାଇଲା
ମନେ ବାନ୍ଧିଲା ସାହସ । ୪ ।

ମାଆ ପରି ମାଟି ସାଇତି ରଖିଛି
ହୃଦେ କୋଟି ପ୍ରାଣ ବିନ୍ଦୁ
କେହି କେବେ ସୁଝି ପାରିଛି କି କହ
ସେ ଋଣ ଅପାର ସିନ୍ଧୁ ? । ୫ ।

ମାଆ ଠାରୁ ବଳି ବଡ଼ ଏ ସଂସାରେ
ଆଉ କିଏ ଅଛି କହ
ଯା' କଥା ଭାବିଲେ ନୟନରୁ ଧାରେ
ଝରି ଆସି ଥାଏ ଲୁହ । ୬ ।

ମାଆ ପରି ଆମ ' ଜନମ ମାଟି ମା '
କୋଳେ ଧରିଥିଲା ଦିନେ
ଯେଉଁଠି ଥିଲେ ବି ଯେମିତି ଥିଲେ ବି
ରହିଥିବ ସଦା ମନେ । ୭ ।

ଏଇ ମାଆ ମାଟି ତା ଭାଷା ପୀରତି
ସବୁଠୁ ମଧୁର ଲାଗେ
ତାହାରି ସ୍ମୃତିରେ ସାରା ଜୀବନରେ
ଅନ୍ତରେ ମମତା ଜାଗେ । ୮ ।

ଯୁଗ ଯୁଗ ଧରି ଏଇ ମାଆ ମାଟି
କୋଳେ ଜନମିବା ପାଇଁ
ପ୍ରାର୍ଥନା କରୁଛି ପୁରାଅ କାମନା
ହେ ପ୍ରଭୁ ଜଗତ ସାଇଁ । ୯ ।

॥ ସିଡିଏ , କଟକ , ଓଡିଶା ॥

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

କବି ଶ୍ରୀ ଦୀପକ କୁମାର ଦେ ଙ୍କ ଦୁଇଟି ସନେଟ : " ତରୁଣ ଆକର୍ଷଣ " ଓ " ଲୁଚକାଳି " - "ମା ଓ ମାଟି "ର ଅନ୍ତଃସ୍ୱର ପରିପୃଷ୍ଠିତ ହୋଇଛି ।

ତରୁଣ ଆକର୍ଷଣ

ଦୀପକ କୁମାର ଦେ

ଅପରାପର ଅଣୁ ଯେବେ ଶତଦା ବିଭକ୍ତ ବିଖଣ୍ଡିତ,
କେଉଁ ପ୍ରକାରେ କରି ପାରିବ ଅଚିରେ ପରାଜିତ?
ଜୀବନ-ମରଣ-ସଂଜ୍ଞାରେ ମୁଁ ଏକ ନାମମାତ୍ର କଣିକା
ଜଡ-ଅଜଡ ,ସ୍ଥିର-ଚଳମାନ ରେଣୁର ଅକବିତା।

କେଉଁ ଅପଚେଷ୍ଟା ବଳେ କେମିତି କରିବ ମୋତେ ବନ୍ଦୀ?
ବିଚ୍ଛୁରିତ ପ୍ରତି ରକ୍ତବିନ୍ଦୁ ଯେତେ ଅଛି ଗଳି କନ୍ଦି,
ଛନ୍ଦହୀନ ଅକପଟତାରେ ଛନ୍ଦ-ଛାନ୍ଦ ନଭ କୋଳେ,
ନାଚି ନାଚି ଯିବି ମୁହିଁ ଏଇ ପୃଥିବୀ ପଣତ ତଳେ।

ଫେରିବି ମାଟି ବାସ୍ନାରେ ପ୍ରଚଣ୍ଡ ଧୁ-ଧୁ ରୁଦ୍ରତାପରେ ,
ବୈଶାଖର କଳାହାଣ୍ଡିଆ ମେଘ ହୋଇ ବିଜୁଳି ଧାରେ,
କୋଇଲିର କୁହୁତାନରେ ସମ୍ବେଦନା ବାର୍ତ୍ତା ନେଇ-
ବାର ବାର ଜନ୍ମ ନେବି ଏ ମାଟିର ସନ୍ତାନ ହୋଇ।

ମାଟି ମଣିଷର ବିଶ୍ୱାସ ସାଜି ପୁନଶ୍ଚ ମୁଁ ଫେରିବି ,
ଜୀବନ ସଂଗ୍ରାମେ ସହସ୍ର ବାର ମରି ପୁଣି ଜିଇଁବି।

ଲୁଚକାଳି

ଦୀପକ କୁମାର ଦେ

ମୁଁ ଗୋଟେ ଏମିତି ଚରିତ୍ର- ଅସ୍ଥିମଜ୍ଜା ଯାହାର ପ୍ରସ୍ତର,
ଖାଁ- ଖାଁ ନିର୍ଜ୍ଜନତାର ଭର୍ତ୍ସନାରେ ନୁହେଁ ଅପମାନିତ ।
ମହାକାଳ-କଳି ସଂଗ୍ରାମେ କରିଛି ଆପଣାର ସଂହାର
ଅନ୍ତରେ ଅନ୍ତରେ ନିନ୍ଦା ଗାଳି ଯେତେ କରି କୋଳାଗ୍ରତ।

ମୃତ ଅସ୍ତିତ୍ୱର ନଷ୍ଟରେଖା ଧାରେ ସଂଜୀବ ଜୀବିତ,
ସଂଭ୍ରମହୀନ ନୁହେଁ ଦୁର୍ବଳ ସ୍ୱପ୍ନ, ତମିସ୍ରାର ବିଜୟରେ ;
ସମ୍ମୁଖେ ତୀକ୍ଷ୍ଣ ଦଂଶନର ଜ୍ୱାଳା , କିଛି ଦୂରେ ମରୁପ୍ରାନ୍ତ ,
ଜନଶୂନ୍ୟ ଚତୁଃପାର୍ଶ୍ୱ ,ଉଲଗ୍ନ ଆକାଶ ମଥାପରେ।

ଅଙ୍କାବଙ୍କା ଚଲାପଥେ ନିତି ଶୁଣେ ଜୀବନର ସ୍ୱର,
ସ୍ମୃତି ପତ୍ର ଲେଖିବାକୁ ଜୀବନର ଅବଶିଷ୍ଟ ଅଂଶ
ମୁକ୍ତାଗଡେ ମାଟିର-ମଣିଷ ଜୀବନ ନାଟକେ କଳାକାର
ତଥାପି ହାରିନି ;ସମୟ କରୁପଛେ କ୍ରୁର ଅଟ୍ଟହାସ୍ୟ ।

ଅମୁହାଁ ନଈଧାରେ ନୁହେଁ ଭୟଭୀତ ଅବା ଭ୍ରମିତ,
ହେ ବିସ୍ତୀର୍ଣ୍ଣ ପ୍ରାନ୍ତର,ବିଶାଳ ଧରିତ୍ରୀ ତୁମକୁ ପ୍ରଣିପାତ ।

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମୁଁ ଯେ ମାଟି ମନସ୍କା କବି

ଶ୍ରୀମତୀ ସବିତା ଶତପଥୀ

ଭଲ ପାଉଛି ମୁଁ
ଭଲ ପାଉଥିବି
ମା ଓ ମାଟିକୁ
ଥିବା ଯାଏ ନଭେ ରବି
ମୁଁ ଯେ ମାଟି ମନସ୍କା କବି ।

ମା ଓ ମାଟି ତ
ଏକା ପରି ଦିହେଁ
ତାଙ୍କରି କୋଳରେ ବଢିଛି
କହିବା ଶିଖିଛି ,ଗାଇବା ଶିଖିଛି
ହସୁଛି ଖେଳୁଛି ବୁଲୁଛି
ମାଟିର ମହକ ,ମା'ର ପଣତ
ସଦା-କାଳେ ମୁହିଁ ଖୋଜୁଛି
ତାଙ୍କରି ଆଶିଷେ ଯାହା କିଛି ଆଜି
ଆଉ ଯାହା କିଛି ଦିନେ ହେବି
ମୁଁ ଯେ ମାଟି ମନସ୍କା କବି ।

ମା'ର ଭାଷା, ଏ ମାଟିର ଭାଷା
ଅମୃତ ସମାନ ସେହି
ସେହି ଭାଷା ପରା ବାନ୍ଧିଛି ଆମକୁ
ଆମର ଅସ୍ମିତା ହୋଇ ।
ଆପଣ-ପଣ ତ ଆପେ ଆସିଯାଏ
ସେ ଭାଷାରେ ଗୀତ ଗାଇ
ପଣ କରିଛି ମୁଁ
ମାତୃଭାଷା ପାଇଁ ନିଶ୍ଚେ ସମର୍ପିତ ହେବି
ମୁଁ ଯେ ମାଟି ମନସ୍କା କବି ।

ଏ ମାଟି ପବନ ବଇଁଶିର ସ୍ୱନ
ନଦୀ ଓ ଝରର ତାନ
ବନ ଉପବନ ଘଞ୍ଚ କାନନ
ମା'ର ପଣତ ସମ
ମାଟିରେ ଜନ୍ମିଛି ମାଟିରେ ମିଶିବି
କରିଯିବି ଭଲ କାମ
ମା ଠୁଁ ଶିଖିଛି ଏ ମାଟିର ସଦା
କରୁଥିବି ଗୁଣ ଗାନ
ମା ଓ ମାଟିର ଚରଣାରବିନ୍ଦରେ
ନତ-ଶିର ସଦା ହେବି
ମୁଁ ଯେ ମାଟି ମନସ୍କା କବି ।

କୁନ୍ଦୁରା ,କୋରାପୁଟ

ମା ଓ ମାଟି ଉତ୍ସେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର ୨୦୨୦

ମା ଆଉ ମାଟି

ପୁଷ୍ପାଞ୍ଜଳି ପଣ୍ଡା

ମା ଡାକିଲା ପରି
ମାଟି ମା ଡାକେ ..।
ବିଦେଶ ସେପାରି
ସେ ଡାକ ଶୁଭେ..।
ଏଡାଇବା ମୁସ୍କିଲ୍
ସେ ଡାକ ର ସ୍ୱର..।
ମା ଆଉ ମାଟି ସହ
ସମ୍ବନ୍ଧ ହୃଦୟର..।
ଜୀବନରେ ଥିବ
ଯେତେ ଚୋରାବାଲି..।
ଧୀରେ ଅଜାଣତେ
ସ୍ରୋତ ଦେବ ଠେଲି..।
ମୁଠା ଭର୍ତ୍ତି ରହେ
ମାଆ ର ଆଶିଷ..।

ସବୁ ଦୁଃଖ କଷ୍ଟ
ହୁଏ ଅନ୍ତର୍ହିତ ..।
ଆତ୍ମିୟ ସ୍ୱଜନ
ସମ୍ପର୍କ ର ସୂତା.. ।
ସବୁ ସମାହିତ
ମା,ମାଟି ରେ ଏକା.. ।
ଦୁହିଁଙ୍କ ର ଋଣ
ଜୀବନ ପରାଣ .. ।
ଅସହଜ ଲାଗେ
ସୁଝିବା ସେ ଋଣ.. ।
ଇଚ୍ଛା ହୁଏ ଏହିକ୍ଷଣି
ମଥା ରଖି ଶୁଅନ୍ତି .. ?
ମା ଆଉ ମାଟି କୋଳେ
ସ୍ୱର୍ଗ ସୁଖ ଲଭନ୍ତି ..।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର।

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମୋ ଗାଆଁ - ମୋ ମାଆ

ସୁଷମା ପରିଜା

ଗାଆଁଟି ମୋର କେଡେ ସୁନ୍ଦର
ଡାଳେ ପତ୍ରେ ତା' ମମତାଝର
ସର୍ବଂ ସହା ସେ ସେନେହମୟୀ
ମାଆ ପରିକା କରୁଣାମୟୀ ।।

ବଣ ପାହାଡ ପାଟ ପୋଖରୀ
କେତେ ଦରବ ରଖିଛି ଭରି
ଘର ସଂସାର ଜୀବନେ ନିତି
ମା' ପରି କେତେ ଖାଦ୍ୟ ସାଇତି ।।

କେତେ କେତେ ତ ମଠ ମନ୍ଦିର
ଶୋଭା ବଢାଏ ଆମ ଗଆଁର
ନିଜକୁ ମଣେ ମୁଁ ଭାଗ୍ୟବତୀ
ତା କୋଳେ ଜନ୍ମି ଲଭିଛି ତୃପ୍ତି ।।

କେଡେ ମହାନ ମାଆଟି ମୋର
ଦଶମାସ ସେ ଧରି ଗର୍ଭର
ଦୁଃଖ ଯାତନା ସହି ଅପାର
ଜନ୍ମ ଦେଇଛି ଧରା ପୃଷ୍ଠର ।।

ରକତକୁ ତା'ର ପାଣି କରିଛି
ଅମୃତ ଧାରା ମୋତେ ଦେଇଛି
ପେଟ ଭିତରେ ଲାତ ସହିଛି
ଉଜାଗରରେ ରାତି କାଟିଛି ।।

ଗଢିବାକୁ ମୋତେ ମଣିଷ କରି
ଆୟୁଷ ତାର ଦେଇଛି ସାରି
ନିଜେ ନ ଖାଇ ମୋତେ ଖୋଇଛି
ମୋ' ବିପଦକୁ ନିଜେ ନେଇଛି ।।

ଆଦ୍ୟ ଗୁରୁ ମୋ ସେହିଟି ଜାଣ
ଆଦ୍ୟ ବନ୍ଧୁ ମୋ ସଂସାର ଜ୍ଞାନ
ପଢାଇଅଛି କରି ଆକଟ
ସତ୍ୟ ଧର୍ମ କ୍ଷମା ବହୁ ପାଠ ।।

ଚିରକାଳ ତା' ଋଣୀ ଯେ ମୁହିଁ
ମାଆ ପରି ମୋ କେହି ତ ନାହିଁ
ଏହି ମିନତି ହେ ଜଗନ୍ନାଥ !
ମଥାରେ ମୋ ଥାଉ ତା' ହାତ ।।

ଶାରଳା ଭବନ / ପୋତାପୋଖରୀ /ନୂଆବଜାର / କଟକ

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ଡୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମା'ର ପଣତେ ବନ୍ଧା ମାଟିର ମୋହ

ଅରୁଣ କୁମାର ମହାନ୍ତି

ଖୋଜୁଛି ଆଜି ମୁଁ ମୋ ମାଟି ମାଆକୁ
ସ୍ମୃତିର ପାଉଁଶ ତଳେ
ତା ସୁଖ ମନାସି ସାଜିଛି ପ୍ରବାସୀ
ପ୍ରାରବ୍ଧ କରମ ବଳେ...॥ ୧॥

ଇଚ୍ଛା ବିରୁଦ୍ଧରେ ଆପଣା ମନରେ
ତୁଟାଇ ଥିଲି ବନ୍ଧନ
ପରବାସେ ବସି ଆନନ୍ଦରେ ହସି
ଭୁଲି ଗାଉଁଲି ଜୀବନ...॥ ୨॥

ସ୍ଥାନେ ସ୍ଥାନେ ଭ୍ରମି ଦେଖିଲି ଜୀବନେ
ସେ ସୁଖ ନାହିଁ ତ କାହିଁ
ମୋ ଗାଆଁ ବରଷା ମୋ ମାଆ ପରଷା
କେଉଁଠି ମିଳିଲା ନାହିଁ..॥ ୩॥

ମନେ ପଡେ ଯେବେ ମାଆ ର ସେନେହ
ହୃଦୟ କୋହରେ ଭରେ
ମନ ବଳେ ମୋର ହୋଇ ଅଗ୍ରସର
ଦେଖିଆସେ ଯାଇଁ ଥରେ....॥ ୪॥

ମାଆ ହାତ ରନ୍ଧା ଲାଗେ ସମ ସୁଧା
ଖାଇ ନାହିଁ କେତେ ଦିନୁ
ଗିଲି-ଦଣ୍ଡା ଖେଳ ସାଙ୍ଗ ସାଥି ମେଳ
କେମିତି ଭୁଲିବି ମନୁ....॥ ୫॥

ମାଆ ର ପଣତ ଶ୍ରୀ ମନ୍ଦିର ନେତ
ଦୁରେଇ ଦିଏ ବିପଦ
ସେ ପଣତ ଆଜି ପାଏ ନାହିଁ ଖୋଜି
ଲଗାଇ କେତେ ସମ୍ପଦ...॥ ୬॥

ନଦ ନିର୍ଝରିଣୀ ଗିରି ଅରଣ୍ୟାନୀ
ହାତ ଠାରି ଡାକେ ମୋତେ
ମୋ ଗାଆଁ ବନାନୀ ସବୁଜ ଧରଣୀ
ପାଉନି ଖୋଜିଲେ ଯେତେ.. ॥ ୭॥

ବହୁ ନାହିଁ ଏଠି ଶୀତଳ ସମୀର
ଉଡୁ ନାହିଁ ଗେଣ୍ଡାଳିଆ
କୋଳାହଳ ଏହି ସହରରେ ଆଜି
ହେଉଛି ନିତି ଛାନିଆ.... ॥ ୮॥

ବିଧି ବଶେ ମୁହିଁ ବିଦେଶରେ ରହି
ପାଏ ଅନେକ କଷଣ
ବିନତି ଏତିକି ଲଭିବି ସତେ କି
ମୋ ଗ୍ରାମେ ଶେଷ ଜୀବନ... ॥ ୯॥

କେଜାଣି କାହିଁକି ମନେ ପଡେ ଆଜି
ସେ ମାଟି ପାଣି ପବନ
ଆକୁଳ ତା ସ୍ୱର ଶୁଭେ କାନେ ମୋର
ମୋ ମାଟି ମାଆ ଆହ୍ୱାନ....॥ ୧୦॥

ଯାଜପୁର

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମାଁନୁ ମାଟିକେ

ଫିରୋଜ୍ କୁମାର ପଟେଲ

ଆକାଶର ନିଲିଆ ଶାଢ଼ୀ ନ ଲଟକି ଥିବା ତରା
ପ୍ରେମିକାର୍ ଗୁଳାପୀ ଉଢ଼ନି ହେଇଥିବା ମହୁଝରା
ହେଲେଁ ଲାଡ ପାଏମି କାହିଁ...
ମୋର ମାର୍ ଚିରା ପଣତର ସରି କେହି ନାଇଁ ।

ଭମର ଲାଗି ଭରିଥିବା ମାଳତୀ ଫୁଲେ ରସ
ଢଳିଆ ଖୁସାନୁ ଝରିଥିବା ମଳିଫୁଲର ବାସ
ମୋର ମନ ନାଇଁ ପାରେ ଘିନି
ରନ୍ଧା ଘରେ ମାଁର ଲେଥା ପରଝା ମନକେ ନେସି ଟାନି ।

ଯୌବନ ଲାଗି ମୁନୁଷ ମନେ ସପନ ଅତାଳତାଳ୍
ବେଲ ଢଳକିଲେ ଅପାରୁ ବୟସ ପିନ୍ଧାବା ବରନମାଳ୍
ଚିର ଯୌବନର ସପନ ସେଥୁଆ
ମା'ର୍ ଆଖି ଥୁଆ କାଳ୍ ଭେଡୀ-ବର ମାର୍ ଲାଗି ପୋ ଛୁଆ।

ପାଗ ବଦଲତେ ଟେଟଙ୍ଗା ରୁପ ବଦଳେଇ ଦେସି
ଜୀବନ ନଦୀ ଆଖଲ୍ ବଏଢ଼ ଥି ଚିହ୍ନା ଅଚିହ୍ନା ହେସି
ଦେଖ ବିଧାତାର ଖେଳ
ମା ଜଖେଇ ହେଲେ ବି ପୋ ନେ ମନ କରିଥିସି ମେଳ ।

ଦଶ ମାସ ଦଶ ଦିନର ସେ ଅବେଳର୍ ଦରଦ
ମାଁ ମନର ମମତା ଗଙ୍ଗାକେ
କାହୁଁ ବୁଝବା ମରଦ
ସହନଶୀଳା ଗୋ ତୁଇ
ପାଁଚି ମହାଭୂତର୍ ବଳଭି ତୋର୍ ସଂଗେ ସରି ନାଇଁ ।

ଅଧା ରାତି ଯେବେ ଦିହେଁ ଡପକୁ ଥିସି ଜର
ମାର୍ ଧରାତନ୍ଦ୍ରାଥି ଉଠସି ପଡ଼ସି ଘର
ଦେଖ ମମତାର ଡୋର
ନସି ଗଲେ କାଣା ସୁଖି ଜୀବନେ, ମା ଆଏସି ସୋର ।

କସମସେଇ ପକାସି ସେ ମୋର ନାକୁ ସିଂହନ ଝରଲେ
ଭୋ ଭୋ ହଇ କାନ୍ଦି ପକାସି ମୋର ଆଣ୍ଠୁ ନୁ ଲହୁ ଗଡ଼ଲେଁ
ଆହା... କେଡେ ତାର ମନ
ଦୁନିଆଁସାରା ହେଉପଛେ ମାରା ମାର୍ ଲାଗି ପୋ ଜନ୍ ।

ମାଁ ମୋର୍ ମମତାର୍ ଅସୁଖା ଧାର୍
ସେନହୋ ଗହକି ସବୁନୁ ସାର୍
କେଁ ରାମ୍ କେଁ ଶ୍ୟାମ୍
ତାର ପାହାତଳର୍ ଧୂଳିର୍ ବଫୁ ଥିଁ
ହେଇଛନ୍ ଭଗବାନ୍
କଲମର୍ କେଁ ଟାନ୍
ମାଁ ମୋର କଲମ୍ ଭିତରେଁ ଭରିଛେ ରଙ୍ଗର୍ ମାନ୍ ।।
ଇ ମାଁ ଆରୁ ମାଟିର ମହିମାର୍ ସୁରେଁ
ଯୁବକବି ଫିରୋଜ୍ କୁମାର ଫଟେଲଙ୍କର କବିତା –
-" ମାଁନୁ ମାଟିକେ "

- କବି ଶ୍ରୀ ରମେଶ ଚନ୍ଦ୍ର ପସାଏତ୍

ମୋର ଉଆଁସ୍ କଟୁବଲି-
ମାଁର ଦିଆ ଜଲା ମୁଇଁ ଦେଖିଛେ
ମୋର ସପନ ଫଲୁ ବୋଲି-
ମାଁ ର ପାଏନ ଢଳା ମୁଇଁ ଦେଖିଛେ
କବିତା ନ ନାଇଁ ହୁଏ କହି
ମା ଶବଦକେ ଚିତ୍ରିବାକେଁ କାଁଜେ କଲମେ ତାକତ ନାଇଁ ।

ଅବୁଝା ଚେହେରାକେ ମୋର ବିଝୁଁ ଥିସି ସେ
ଦରଦର ଅନ୍ଧାରେ ଭି ମୋର ଲାଗି ସପନ ଦେଖୁଥିସି ସେ
ଇ ଭାବ ପାଏମି କାହିଁ
ଦୁନିଆଁ ପାଖେ କେ, ମାଁ ପାଖେ
ମାଁ ଲେଖେ କେହି ନାଇଁ ।

ମାଁକେ ଜାନ କି ମାଏଟକେ ଜାନ କେଭେ ନାଇଁ କରନ୍ ପର
ମାଁ ନୁ ଜନମି ମାଁ ମାଟି ମୁନୁଷ ,ବନାସି ସପନର ଘର
ମହାପୁରୁ ,ଏତକି କୃପା କର..
ମାଟିନେ ମିଶବାକେଁ ମା'ର୍ କୁଳେଁ ଜନମ ଦେବୁ ଥର ଥର ।

ଅବନକେଲା, ସୁନ୍ଦରଗଡ଼-୧୯
ମୋ-୯୭୭୭୬୩୨୩୩୦

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ସରଗ ଠୁଁ ଗରୀୟସୀ

ଆଶୁକବି ହେମନ୍ତ ଦାଶ

ଦଶମାସ ଦଶ ଦିନ ଗର୍ଭେ ରହି
ଜନନୀ ଜଠରୁ ଜାତ,
ସେହି ମହୀୟସୀ ଜନନୀକୁ ମୋର
କରୁଅଛି ପ୍ରଣିପାତ ।।

ଜନମ ଦେଇଛି ଜନନୀ ସିନା ମୋ
ମାଟି ମାଆଁ ଦେଲା କୋଳ,
ତାହାରି କୋଳରେ ବଡ ହେଲି ମୁହିଁ
ଲଭି ଦୁହିଙ୍କର ଗେଲ ।।

ମାଆଁର ବକ୍ଷରୁ କ୍ଷୀର ମୁଁ ଖାଇଛି
ମାଟି ମାଆଁ ବକ୍ଷୁ ଅନ୍ନ,
ଦୁହେଁ କଲେ ମୋର ପୁଷ୍ଟ ଯେ ଶରୀର
ବଦନ ହେଲା ପ୍ରସନ୍ନ ।।

ଜନନୀ କଲା ମୋ ସେବା ଯତ୍ନ ନିତି
ଅହୋରାତ୍ରେ ପାସେ ରହି,
ମାଟି ମାଆଁ କୋଳେ ଖେଳିଲି ବୁଲିଲି
ଦୁହେଁ ଗଲେ ସବୁ ସହି ।।

ମାଟି ଆଉ ମାଆଁ ଉଭୟେ ସମାନ
ସରଗ ଠୁଁ ଗରୀୟସୀ
ଭୁଲିବିନି ତାଙ୍କ ସେନେହେ ଉଛୁଳେ
ମୋର ଜୀବନ ସରସୀ ।।

ତୁଷରା,ବଲାଙ୍ଗିର।
ମୋ-୯୯୩୭୬୮୮୫୫୧

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମମତା ର ମୋହ

ପ୍ରଣତୀ ଆଚାର୍ଯ୍ୟ

ମାଆ ମାଟି ମାଆ ଦୁହେଁ ଏକା ପରି
କାହାର ତୁଳନା ନାହିଁ,
ମାଆ ମାଟି ସ୍ନେହ ନିଶ୍ୱାସ ପ୍ରଶ୍ୱାସ
ଜୀବନ ଧାରଣ ପାଇଁ ।

ମାଆ ତା ପଣତେ ଘୋଡାଇ ଧରଇ
ଗଡେ ମୁଁ ମାଟିରେ ଯେବେ ,
ସ୍ନେହ ଦୁହିଁଙ୍କର ଅମୃତର ଧାରା
ତେଣୁ ମୁହିଁ ବଢେ ଭାବେ ।

ମାଆ ଠୁ ପାଇଛି ଅସୀମ ଶରଧା
ମାଟି ମାଆ କୋଳେ ବଢେ ,
ଜନନୀ ଦେଇଛି ବକ୍ଷ ଚିରି ଖିର
ମାଟି ମାଆ ଦେହ ଗଢେ ।

ମାଆ ର ମମତା ଭୁଲି ତ ହେବନି
ମନେ ପଡେ ସବୁବେଳେ,
ମାଟି ର ବାସନା ବାରମ୍ବାର ଟାଣେ
ବିଦେଶରେ ଘର କଲେ ।

ମନେହୁଏ ଆଜି ଆସନ୍ତା କି ଫେରି
ମୋର ସେହି ପିଲା ଦିନ ,
ଯାଆନ୍ତି ମୁଁ ସେହି ମାଟି ମାଆ କୋଳେ
ଭୁଲନ୍ତି ଆଜିର ଦିନ ।

ମାଆ ସର୍ବଂସହା ଶାନ୍ତି ପ୍ରୀତି ଦୟା
କ୍ଷମାରେ ତ ମନ୍ଦାକିନୀ,
ସ୍ନେହ ଶ୍ରଦ୍ଧା ପ୍ରେମ କରୁଣା ବାରିଧି
ମମତାମୟୀ ଜନନୀ ।

ମାଆର କୋଳରେ ଜନମ ଲଭିଲି
ମିଶିବି ମାଟିର କୋଳେ,
ମାଆ ପରି ସିଏ କୋଳାଇ ଧରିବ
ଜୀବନର ଶେଷ କାଳେ ।

ନୟାଗଡ
ମୋ : ୯୪୩୭୬୪୨୯୪୭

ମା ଓ ମାଟି ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର ୨୦୨୦

ମାଆ ଓ ମାଟି

କନକ ଲତା ଦାଶ୍

ଯେତେବେଳେ ଦୁଃଖ ଲାଗେ , କଷ୍ଟ ହୁଏ
ଦେହ ବା ମନରେ..
କ୍ଲାନ୍ତ ଲାଗେ ଛାଇଯାଏ -
ଉଦାସିଆପଣ ,
ଖୁବ୍ ବେଶୀ ତୁ ମନେ ପଡୁ
ମନେ ପଡେ ସ୍ପର୍ଶ ତୋର
ପୋଛିଦିଏ ଅବସାଦ
ହଜିଯାଏ ଦେହ ଆଉ ମନର ଦରଜ ।

ପୁଣି ଯେବେ ଭୋକ ଲାଗେ
ଲାଗେ ଅବା ନିଦ
ନିଜ ଅଜାଣତେ ଏଇ ଉତ୍ତର
ବୟସେ ମନ ଲୋଡ଼େ
ତୋ ହାତ ର ରନ୍ଧା ସେ -ଅମୃତ
ଯାହା ପାଇଁ ଝୁରେ ମୁଁ ନିରତ ।
ସବୁ ରୋଗ ମହୌଷଧି ତୋ ବରଦ ହସ୍ତ
ଆଉ ତୋ ଶାଢ଼ୀ ପଣତ।

କେଜାଣି କେମିତି ତୋର ଦେହ -
ଖାଲି ମହ ମହ ବାସେ..
ଛୁଏଁ ତାକୁ ବାର ବାର ଅଜଣା ଉଲ୍ଲାସେ ।
ତୋର ହସ ଆଉ ତୋର କଥା
ଭୁଲାଇ ଦିଏ ସେ ସତେ ଯେତେ ସବୁ ବ୍ୟଥା।
ନିଦାନ ସେ ସବୁ କଷଣ ର
ମାଆ ଏକା ବଡ଼ ସାହା ଏଇ ଦୁନିଆ ର ।
ତୁ ନାହୁଁ କେହି ନାହିଁ ଏଇ ଦୁନିଆ ରେ
ମୁହଁ ଦେଖି ମନ କଥା ବୁଝିପାରିବାରେ ।

ସେମିତି ବି ମାଟି ମାଆ ଅତି ଆପଣାର
ଖେଳିଛି ବୁଲିଛି କେତେ ଛାତି ରେ ତାହାର।
ଖାଇଛି ତା ଫଳ-ମୂଳ ପିଇଛି ତା ପାଣି
ଧରିଛି ସାଧବ ବୋହୂ ତା ମାଟି ରୁ ଗଣି
ଚିରକାଳ ମାଆ ମାଟି ପାଖରେ ମୁଁ ଋଣୀ
ଅନନ୍ୟ ସେ ମମତା ର ଗାଥା
ରହି ରହି ମନ ଝୁରେ ...
ମାଟି ଆଉ ମାଆ ର ମମତା ।

ଚହଟା ନଗର, କଟକ

ମା ଓ ମାଟି ଉତ୍ସବାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦